

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୫ ଜୁନ୍ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 05 June 2024

Vol.No. 35 ■ No.150 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଧନ୍ୟବାଦ ଓଡ଼ିଶା ! ସୁଶାସନ ଓ ଓଡ଼ିଶାର ଅନନ୍ୟ ସଂସ୍କୃତିକୁ ପାଳନ କରିବା ପାଇଁ ଏହା ଏକ ବଡ଼ ବିଜୟ : ମୋଦୀ

ନୂଆଦିଲ୍ଲୀ: ଲୋକସଭା ନିର୍ବାଚନ ୨୦୨୪ର ଫଳାଫଳ ମଙ୍ଗଳବାର ପ୍ରକାଶ ପାଇଛି । ଏହାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଥମ ପ୍ରତିକ୍ରିୟା ସାମ୍ନାକୁ ଆସିଛି । ପ୍ରଧାନମନ୍ତ୍ରୀ ମୋଦୀ ଲଗାତାର ତୃତୀୟ ଥର ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ) ଉପରେ ଆସ୍ଥା ପ୍ରକଟ କରିଛନ୍ତି ବୋଲି ଟ୍ୱିଟ୍ କରିଛନ୍ତି । ଏହା ଏକ ଐତିହାସିକ ସଫଳତା । ଏହି ସ୍ନେହ ପାଇଁ ମୁଁ ଲୋକଙ୍କୁ ଅଭିନନ୍ଦନ ଜଣାଉଛି ଏବଂ ଲୋକଙ୍କ ଆକାଂକ୍ଷା ପୂରଣ କରିବା ପାଇଁ ଗତ ଦଶନ୍ଧିମଧ୍ୟରେ କରିଥିବା ଭଲ କାର୍ଯ୍ୟକୁ ଜାରି ରଖିବୁ ବୋଲି ପ୍ରତିଶ୍ରୁତି ଦେଉଛି । ମୁଁ ଆମର ସମସ୍ତ କର୍ମୀଙ୍କୁ ସେମାନଙ୍କ କଠିନ ପରିଶ୍ରମ ପାଇଁ ଅଭିନନ୍ଦନ ଜଣାଉଛି । ତାଙ୍କ ଅସାଧାରଣ ପ୍ରୟାସକୁ ଶବ୍ଦ କେବେ ନ୍ୟାୟ ଦେବ ନାହିଁ । ଓଡ଼ିଶା ବିଧାନସଭା ନିର୍ବାଚନରେ ବିଜେପିର ବିପୁଳ ବିଜୟକୁ ନେଇ ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ସେ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି, ଧନ୍ୟବାଦ ଓଡ଼ିଶା ! ସୁଶାସନ ଓ ଓଡ଼ିଶାର ଅନନ୍ୟ ସଂସ୍କୃତିକୁ ପାଳନ କରିବା ପାଇଁ ଏହା ଏକ ବିରାଟ ବିଜୟ । ଲୋକଙ୍କ ସ୍ୱପ୍ନ କୁ ସାକାର କରିବା ଏବଂ ଓଡିଶାକୁ ପ୍ରଗତିର ନୂଆ ଶୀର୍ଷରେ ପହଞ୍ଚାଇବାପାଇଁ ବିଜେପି କୌଣସି ସୁଯୋଗ ଛାଡିବ ନାହିଁ । ଆମର ସମସ୍ତ ପରିଶ୍ରମୀ ଦଳୀୟ କର୍ମୀଙ୍କ ପ୍ରୟାସ ପାଇଁ ମୁଁ ଅତ୍ୟନ୍ତ ଗର୍ବିତ ।

ଓଡିଶାରେ ବିଜେପିକୁ ବହୁମତ

ବିଜେପି ୭୮ , ବିଜେଡି ୫୧, କଂଗ୍ରେସ ୧୪



ଭୁବନେଶ୍ୱର, ୪/୬ (ନି.ପ୍ର): ଓଡିଶାରେ ବଦଳିଗଲା ରାଜନୈତିକ ଗଣିତ । କାମ ଦେଲାନି ବିଜେଡି ବ୍ରାଣ୍ଡ କି ନବୀନ ମ୍ୟାଜିକ୍ । କିନ୍ତୁ ସବୁ ଆକଳନକୁ ଭୁଲ ପ୍ରମାଣିତ କରି ବାଜି ମାରିଛି ବିଜେପି । ମଙ୍ଗଳବାର ରାଜ୍ୟର ୨୧ଟି ସାଂସଦ ଓ ୧୪୭ଟି ବିଧାନସଭା ଆସନ ପାଇଁ ଗଣତି ହୋଇଛି । ନିର୍ବାଚନ କମିଶନଙ୍କ ପକ୍ଷରୁ ଗଣତି ପରେ ବିଜୟୀ ଓ ଅଗ୍ରଣୀ ନେତା ମାନଙ୍କ ନାମ ଘୋଷଣା କରାଯାଉଛି । ଖବର ଲେଖାଯିବା ସୁଦ୍ଧା ବିଜେପି ୭୮ଟି ଆସନରେ ଅଗ୍ରଣୀ ରହିଥିବା ବେଳେ ୪୯ ଟି ଆସନରେ ବିଜୟୀ ହୋଇସାରିଛି । ସେହିପରି ବିଜେଡି ୫୧ଟି ଆସନରେ ଆଗୁଆ ଥିବା ବେଳେ ୩୭ରେ ବିଜୟୀ ହୋଇଛି । କଂଗ୍ରେସ ୧୪ଟି ସିଟ୍ ରେ ଆଗୁଆ ଥିବା ବେଳେ ୭ଟିରେ ବିଜୟୀ ହୋଇଛି । ସେହିପରି ୪ ଟି ସିଟ୍‌ରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି ।

ଆଜି ଦିଲ୍ଲୀରେ ବସିବ ଏନଡିଏର ବୈଠକ: ଯୋଗ ଦେବେ ନୀତୀଶ, ଚନ୍ଦ୍ରବାବୁ

ନୂଆଦିଲ୍ଲୀ, ୪/୬ : ଲୋକସଭା ନିର୍ବାଚନରେ ବର୍ତ୍ତମାନ ସୁଦ୍ଧା ଏନଡିଏ ପ୍ରାୟ ୨୯୩ ଆସନରେ ବିଜୟୀ କିମ୍ବା ଆଗୁଆ ଥିବା ବେଳେ ଇଣ୍ଡିଆ ମେଣ୍ଟ ୨୩୦ ଆସନରେ ବିଜୟୀ କିମ୍ବା ଆଗୁଆ ରହିଛି । ଆସନ୍ତାକାଲି ଦିଲ୍ଲୀରେ ଏନଡିଏ ନେତାଙ୍କ ଏକ ବଡ ବୈଠକ ହୋଇପାରେ ବୋଲି ଜଣାପଡ଼ିଛି । ଏହି ବୈଠକରେ ସରକାର ଗଠନ ନେଇ ନିଷ୍ପତ୍ତି ହେବ । ଏହି ବୈଠକରେ ନୀତୀଶ କୁମାର, ଚନ୍ଦ୍ରବାବୁ ନାଇଡୁଙ୍କ ସମେତ ବହୁ ବଡ଼ ବଡ଼ ନେତା ଯୋଗଦେବେ । ଏହି ବୈଠକରେ ବିଜେପି ନେତା ଅମିତ ଶାହା ମଧ୍ୟ ଉପସ୍ଥିତ ରହିବେ । ବୁଧବାର ଦିଲ୍ଲୀରେ ଅନୁଷ୍ଠିତ ଏନଡିଏ ବୈଠକରେ ନେତାମାନେ ଭବିଷ୍ୟତ ରଣନୀତି ସ୍ଥିର କରିବେ । ଏଥିସହ କ୍ୟାବିନେଟ ଗଠନ କୁ ନେଇ ଆଲୋଚନା ମଧ୍ୟ ସମ୍ଭବ । ନିର୍ଣ୍ଣାୟକ ଅଗ୍ରଣୀ ପାଇବା ପରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଏନଡିଏ ସମର୍ଥିତ ହିନ୍ଦୁସ୍ଥାନୀ ଆୱାମ ମୋର୍ଚ୍ଚା ମୁଖ୍ୟ ତଥା ଦଳୀୟ ପ୍ରାର୍ଥୀ ଜିତନ ରାମ ମାଝୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଅନ୍ୟପକ୍ଷରେ ନିର୍ବାଚନ ଫଳାଫଳ ଆସିବା ପରେ କଂଗ୍ରେସ ଏହାକୁ ମୋଦୀଙ୍କ ନୈତିକ ପରାଜୟ ବୋଲି କହିଛି ।

କୁପଓ୍ୱାଡ଼ାରେ ଆତଙ୍କବାଦୀଙ୍କ ଏକ ସହଯୋଗୀ ଗିରଫ: ଗୋଳା-ବାରୁଦ ଜବତ

କୁପଓ୍ୱାଡ଼ା, ୪/୬ :କୁପଓ୍ୱାଡ଼ା ଜିଲ୍ଲାର ନାଗରୀ ଅଂଚଳରେ ସର୍ଚ୍ଚ ଆଣ୍ଡ ଡିଷ୍ଟ୍ରୟ ଅପରେଶନ (ଏସ୍‌ଏଡିଓ) ସମୟରେ ଆତଙ୍କବାଦୀଙ୍କ ଏକ ସହଯୋଗୀକୁ ଗିରଫ କରାଯାଇଛି । ଭାରତୀୟ ସେନା ଏବଂ ଜାମ୍ମୁ-କାଶ୍ମୀର ପୋଲିସ୍ ବିଶେଷ ସୂତ୍ରର ଆଧାରରେ ନାଗରୀର ସାଧାରଣ ଅଂଚଳରେ ସଂଯୁକ୍ତ ଅଭିଯାନ ଚଳାଯାଇଛି । କୁପଓ୍ୱାଡ଼ା ପୋଲିସ୍ ନାଗରୀ ପାର୍କରେ ଏକ ନାକା ମଧ୍ୟ ସ୍ଥାପିତ କରାଯାଇଛି । ଏହି ସଂଯୁକ୍ତ ଅଭିଯାନରେ ଆତଙ୍କବାଦୀଙ୍କ ଏକ ସହଯୋଗୀ ଏଜାଜ ଅହମ୍ମଦ ପୈରୀକୁ ଗିରଫ କରାଯାଇଛି । ତା'ପାଖରୁ ଗୋଟିଏ ହ୍ୟାଣ୍ଡ ଗ୍ରେନେଡ, ଗୋଟିଏ ପିସ୍ତଲ, ଗୋଟିଏ ମ୍ୟାଗାଜିନ ଏବଂ ୪ ରାଉଣ୍ଡ ୯ ଏମଏମ୍ ଗୋଳାବାରୁଦ ସହିତ ଅନ୍ୟ ଆପତିଜନକ ସାମଗ୍ରୀ ଜବତ ହୋଇଛି ।

ହିଞ୍ଜିଳିରେ ଜିତିଲେ, କଂଟାବାଂଝିରୁ ହାରିଲେ ନବୀନ



ଭୁବନେଶ୍ୱର, ୪/୬ (ନି.ପ୍ର): ପ୍ରଥମ ଥର ପାଇଁ ହାରିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରୁ ସେ ହାରିଛନ୍ତି । ବିଜେପି ପ୍ରାର୍ଥୀ ଲକ୍ଷ୍ମଣ ବାଗଙ୍କଠାରୁ ତାଙ୍କୁ ପରାସ୍ତ କରିଛନ୍ତି । ବିଜୟ ପରେ ବିଜେପି ସମର୍ଥକଙ୍କ ମଧ୍ୟରେ ଉତ୍ସାହ ଖେଳି ଯାଇଛି । ଏଥର ମୁଖ୍ୟମନ୍ତ୍ରୀ ହିଞ୍ଜିଳି ସମେତି କଣ୍ଟାବାଞ୍ଜିରୁ ପ୍ରାର୍ଥୀ ହୋଇଥିଲେ । ଚଳିତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମର ହିଞ୍ଜିଳି ଓ ବଲାଙ୍ଗିର କଣ୍ଟାବାଞ୍ଜିରୁ ନିର୍ବାଚନ ଲଢୁଥିଲେ । ଉଭୟ ଆସନରେ ବିଜୟୀ ହେବେ ବୋଲି ଆଶା କରାଯାଉଥିଲା । ହେଲେ କଣ୍ଟାବାଞ୍ଜିରୁ ତାଙ୍କୁ କଡା ଟକ୍କର ଦେଲେ ବିଜେପି ପ୍ରାର୍ଥୀ ଲକ୍ଷ୍ମଣ ବାଗ । ଶେଷ ରାଉଣ୍ଡ ଗଣତି ଚାଲିଥିବା ବେଳେ ୧୬,୩୨୧ ଖଣ୍ଡ ଭୋଟରେ ମୁଖ୍ୟମନ୍ତ୍ରୀଙ୍କୁ ପରାସ୍ତ କରିଛନ୍ତି । ଲକ୍ଷ୍ମଣ ବାଗ ୯୦,୫୯୦୪ ଖଣ୍ଡ ଭୋଟ୍ ପାଇଥିବା ବେଳେ ମୁଖ୍ୟମନ୍ତ୍ରୀ ୭୪,୨୭୩ ଖଣ୍ଡ ଭୋଟ୍ ପାଇଛନ୍ତି । କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ୨୬,୭୪୬ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜର ପାରମ୍ପରିକ ସିଟ୍ ହିଞ୍ଜିଳିରୁ ୪୬୪୯ ଖଣ୍ଡ ଭୋଟରେ ଜିତିଛନ୍ତି । ସେ ବିଜେପିର ଶିଶିର କୁମାର ମିଶ୍ରଙ୍କୁ ପରାସ୍ତ କରିଛନ୍ତି । ଶେଷ ରାଉଣ୍ଡ ଗଣତି ଚାଲିଥିବା ବେଳେ ମୁଖ୍ୟମନ୍ତ୍ରୀ ୬୬,୩୫୮ ଖଣ୍ଡ ଭୋଟ୍ ପାଇଥିବା ବେଳେ ଶିଶିର କୁମାର ମିଶ୍ର ୬୧,୭୦୯ ଖଣ୍ଡ ଭୋଟ୍ ପାଇଛନ୍ତି ।

ବାଇକ୍ ଦୁର୍ଘଟଣା: ଦୁଇ ଯୁବକ ମୃତ

ଗୁପ୍ତକାଶୀ, ୪/୬: ଗୁପ୍ତକାଶୀ ନିକଟ କେଦାରନାଥ ଯିବାକୁ ଥିବା ରାସ୍ତାରେ ଏକ ବାଇକ୍ ରାସ୍ତା ପାର୍ଶ୍ୱ ଖାଲକୁ ଖସି ପଡିବା ଫଳରେ ବାଇକ୍ ରେ ଯାଉଥିବା ଦୁଇ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି । କୋତବାଲି ପୋଲିସ ଏନେଇ ସୋନପ୍ରୟାଗ ଏସଡିଆରଏଫ ଟିମ୍‌କୁ ଖବର ଦେବା ପରେ ଏସଡିଆରଏଫ ଟିମ୍ ଘଟଣାସ୍ଥଳରେ ପହଂଚି ମୃତକ ଦ୍ୱୟଙ୍କ ଶବ ଉଦ୍ଧାର କରିଛି । ଦୁଇ ମୃତକ ହେଲେ ଶ୍ରୀକୋଟ ନିବାସୀ ଜୟଦୀପ ସିଂହଙ୍କ ପୁତ୍ର ସୁରେନ୍ଦ୍ର ସିଂହ ଏବଂ ରୋହିତଙ୍କ ପୁତ୍ର ରାମସିଂହ ।

ଏ ଲଢେଇ ସମ୍ବିଧାନ ବଞ୍ଚାଇବା ପାଇଁ ଥିଲା, ଦେଶ ମୋଦୀଙ୍କୁ ପ୍ରତ୍ୟାଖ୍ୟାନ କରିଛି : ରାହୁଲ ଗାନ୍ଧୀ

ନୂଆଦିଲ୍ଲୀ, ୪/୬ : ନିର୍ବାଚନ ଫଳାଫଳ ଉପରେ କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଛି । କଂଗ୍ରେସ ନେତା ରାହୁଲ ଗାନ୍ଧି କହିଛନ୍ତି ଯେ ଏହି ଲଢେଇ ସମ୍ବିଧାନ ବଞ୍ଚାଇବା ପାଇଁ ଉଦ୍ଦିଷ୍ଟ ଥିଲା ଓ ଲୋକମାନେ ଏ ଦିଗରେ ନିଜର ପ୍ରଥମ ପାହୁଣ୍ଡ ପକାଇସାରିଛନ୍ତି । ସେ କହିଛନ୍ତି, ଜନତା ବିଜେପିକୁ ହିସାବ କରିଛନ୍ତି । ଦେଶ ମୋଦୀଙ୍କୁ ପ୍ରତ୍ୟାଖ୍ୟାନ କରିଛି । କଂଗ୍ରେସ ନେତା ରାହୁଲ ଗାନ୍ଧି କହିଛନ୍ତି, ଏହି ନିର୍ବାଚନ 'ଇଣ୍ଡିଆ' ମେଣ୍ଟ ପ୍ରତିକୂଳ ପରିସ୍ଥିତିରେ ଲଢିଥିଲା । କଂଗ୍ରେସ ଦଳ କେବଳ ଗୋଟିଏ ରାଜନୈତିକ ଦଳ ବିରୋଧରେ ନୁହେଁ, ଆମେ ଏହି ନିର୍ବାଚନ ବିଜେପି, ଭାରତର ଅନୁଷ୍ଠାନ, ସିବିଆଇ-ଇଡି ବିରୋଧରେ ଲଢ଼ିଥିଲୁ, କାରଣ ଏହି ଅନୁଷ୍ଠାନଗୁଡ଼ିକୁ ବ୍ୟବହାର କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅମିତ ଶାହା ଭୟଭୀତ କରାଉଥିଲେ । ▶▶ପୃଷ୍ଠା ୭

ଆଜି ଓଡ଼ିଶାରେ ନୂଆ ଇତିହାସ ଲେଖାଗଲା: ଧର୍ମେନ୍ଦ୍ର

ମହାପ୍ରଭୁ ଜଗନ୍ନାଥ ପାଖରେ ପ୍ରଧାନମନ୍ତ୍ରୀଙ୍କ ତରଫରୁ କୃତଜ୍ଞତା ଜ୍ଞାପନ କରୁଛି

ଭୁବନେଶ୍ୱର, ୪/୬ (ନି.ପ୍ର): ବିଜେପିର ବିଜୟ ପରେ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି, ଆଜି ଓଡିଶାରେ ନୂଆ ଇତିହାସ ଲେଖାଗଲା । ୧୯ଟି ଲୋକସଭା ଆସନରେ ବିଜୟ ଏବଂ ଆଉ ଗୋଟେ ଆସନରେ ବିଜୟର ସମ୍ଭାବନା ରହିଛି । ବିଜେଡ଼ି ଓ କଂଗ୍ରେସ ଦଳକୁ ଦୀର୍ଘବର୍ଷ ଧରି ସେବା କରିବାର ସୁଯୋଗ ମିଳିଥିଲା । ଓଡ଼ିଶା ଆସି ପ୍ରଧାନମନ୍ତ୍ରୀ ବିଜେପିକୁ ଗୋଟେ ଥର ସୁଯୋଗ ଦେବାକୁ କହିଥିଲେ, ଜନତା ମଧ୍ୟ ସହମତି ଦେଇ ବଡ଼ ଆଶୀର୍ବାଦ ଦେଇଛନ୍ତି । ରାଜ୍ୟରେ ବିଜେପି ବହୁମତ ରେ ସରକାର କରିବାକୁ ଯାଉଛି । ପ୍ରଧାନମନ୍ତ୍ରୀ ଜୁନ ୧୦ରେ ବିଜେପି ସରକାର କରିବାକୁ ଶପଥ ନେବେ ବୋଲି ଯାହା କହିଥିଲେ, ଏବେ ତାହା ସତ ହୋଇଛି । ଏହା ବିଜେପିର ବିଜୟ ନୁହେଁ ଓଡିଆ ଲୋକଙ୍କ ବିଜୟ । ଏହାସହ ଓଡ଼ିଆ ଅସ୍ମିତା, ଭାଷା ଓଡ଼ିଆ ପରିଚୟର ବିଜୟ । ଓଡ଼ିଶାବାସୀଙ୍କ ଜନାଦେଶକୁ ଆମେ ସ୍ୱୀକାର କରୁଛୁ । ରାଜ୍ୟ ପାଇଁ ପ୍ରଧାନମନ୍ତ୍ରୀ ଦେଇଥିଥିବା ଗ୍ୟାରେଣ୍ଟି ବୃଥା ଯିବନି ଏବଂ ଏହା ନିଶ୍ଚୟ ପୂରଣ ହେବ । ପ୍ରଧାନମନ୍ତ୍ରୀ ଯେତେବେଳେ ଯେଉଁ ପ୍ରତିଶ୍ରୁତି ଦିଅନ୍ତି ତାକୁ ସେ ପୁର୍ଣ କରନ୍ତି ।

ନାଶିକରେ ଦୁର୍ଘଟଣାର ସମ୍ମୁଖୀନ ହେଲା ବାୟୁସେନା ବିମାନ

ନୂଆଦିଲ୍ଲୀ, ୪/୬ : ମହାରାଷ୍ଟ୍ରର ନାଶିକ୍ ଜିଲ୍ଲାରେ ଦୁର୍ଘଟଣାର ସମ୍ମୁଖୀନ ହେଲା ବାୟୁସେନା ବିମାନ । ବାୟୁସେନାର ସୁଖୋଇ ଏସୟୁ-୩୦ ଏମକେଆଇ ଲଢୁଆ ବିମାନ ନିଶାଦ ଅଞ୍ଚଳରେ ଥିବା ଶିରସାଗାଓଁରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଜେଟର ନବୀକରଣ ଏବଂ ତାଲିମ ପାଇଁ ହିନ୍ଦୁସ୍ଥାନ ଏରୋନେଟିକ୍ସ ଲିମିଟେଡ୍ (ହଲ୍)କୁ ପଠାଯାଇଥିଲା । ଘଟଣା ଘଟିବା ସମୟରେ ୨ଜଣ ପାଇଲଟ ଟ୍ରେନିଂ ନେଉଥିଲେ ବୋଲି ଜଣାପଡ଼ିଛି । ତେବେ ଏହି ଦୁର୍ଘଟଣାରେ ୨ଜଣ ପାଇଲଟ ସୁରକ୍ଷିତ ଥିବା ଜଣାପଡ଼ିଛି । ମିଳିଥିବା ସୂଚନା ମୁତାବକ, ଦୁର୍ଘଟଣା ଘଟିବା ପୂର୍ବରୁ ୨ଜଣ ପାଇଲଟ ବିମାନରୁ ବାହାରି ଆସିଥିଲେ, ଯେଉଁ କାରଣରୁ ସେମାନଙ୍କ ଜୀବନ ବଞ୍ଚିପାରିଥିଲା । ଏକ ବିଲରେ ବିମାନଟି ଖସିପଡ଼ିଥିବା ବେଳେ ଏବେ ଦୁର୍ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛି ବାୟୁସେନା । ଦୁର୍ଘଟଣାର ପରର ଫଟୋ ଭାଇରାଲ ହେଉଥିବା ବେଳେ ଫଟୋରେ ବିମାନଟି ଖଣ୍ଡ ବିଖଣ୍ଡିତ ହୋଇ ପଡ଼ିଥିବା ଦେଖାଯାଇଛି । ପାଖ ଅଞ୍ଚଳଟି ଧୂଆଁମୟ ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକେ ପାଖରେ ଠିଆ ହୋଇଥିବା ଦେଖାଯାଇଛି ।

ଆନ୍ଧ୍ରପ୍ରଦେଶରେ ଟିଡିପିର ବିପୁଳ ବିଜୟ: ୯ରେ ଶପଥ ନେବେ

ବିଶାଖାପାଟଣା, ୪/୬ : ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚରେ ବିପୁଳ ବିଜୟ ହାସଲ କରିଛି ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ ପାର୍ଟି (ଟିଡିପି) । ଆନ୍ଧ୍ରପ୍ରଦେଶର ମୋଟ ୧୭୫ ଆସନ ମଧ୍ୟରୁ ଏକାକୀ ଟିଡିପି ୧୩୩ରେ ବିଜୟ ହାସଲ କରିଥିବାବେଳେ ୩ରେ ଆଗୁଆ ରହିଛି । ଏହାର ସହଯୋଗୀ ଦଳ ବିଜେପିକୁ ୮ଟା ଆସନ ଓ ଜନସେନା ପାର୍ଟିକୁ ୧୦ ଆସନରେ ବିଜୟ ମିଳିଛି । ଏହି ବିଜୟ ପରେ ଆସନ୍ତା ଜୁନ୍ ୯ତାରିଖରେ ନାଇଡୁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି ଦଳ ଘୋଷଣା କରିଛି । ଏହି ବିଜୟ ପରେ ଟିଡିପିର ଦଳୀୟ ମୁଖ୍ୟାଳୟରେ ଉତ୍ସବ ଆରମ୍ଭ ହୋଇଯାଇଛି । ▶▶ପୃଷ୍ଠା ୭

ମାଟି ତାଡ଼ିଲେ ଶୋଷ ମେଣ୍ଟୁଛି: ଡହଳବିକଳ ୨୦୦ ପରିବାର

କପ୍ତିପଦା, ୪/୬ (ନି.ପ୍ର):, ୪/୬ (ନି.ପ୍ର): ପାଣି ଟୋପେ ସଂଗ୍ରହ ପାଇଁ ସବୁଦିନେ କେତେ ସଂଘର୍ଷ କରିବାକୁ ପଡ଼େ ସେ କଥା ସରଡ଼ିହା ପଞ୍ଚାୟତ ବାରହାଗଡ଼ିଆ ଗଉଡ଼ସାହିର ଲୋକଙ୍କଠାରୁ ଅଧିକ କେହି ହୃଦୟଙ୍ଗମ କରିନଥିବେ। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ୍ ଶିମିଳିପାଳ ଅଭୟାରଣ୍ୟ ପାଦଦେଶରେ ରହିଛି ଗଉଡ଼ସାହି ଗାଁ। ଏଠାରେ ୪୫ଟି ପରିବାରର ୨୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ପିଇବା ପାଣି ମୁନ୍ଦେ ପାଇବା ଏଠାକାର ଲୋକଙ୍କ ପାଇଁ ସାତସପନ। ଏଥିପାଇଁ ବର୍ଷତମାମ ସ୍ଥାନୀୟ ଲୋକେ ନର୍କ ଯନ୍ତ୍ରଣା ଭୋଗୁଥିବା ବେଳେ ପ୍ରଶାସନ ନିଦାବିଷ୍ଟ ସାଜିଛି।

ବହୁପୂର୍ବରୁ ଏହି ଗାଁରେ ନଳକୂଅଟିଏ ଖୋଳା ଯାଇଥିଲା, କିନ୍ତୁ ସେଥିରୁ ପର୍ଯ୍ୟାପ୍ତ ପାଣି ବାହାରିଲାନି। ଫଳରେ ବର୍ଷାଦିନେ ଲୋକେ ଚାଷଜମିରୁ ପାଣି ସଂଗ୍ରହ କରି ଏହାକୁ ପାନୀୟ ଭାବେ ବ୍ୟବହାର କରିଥାନ୍ତି। ଖରାଦିନେ ଚୁଆପାଣି ଗାଁ ଲୋକଙ୍କ ଶୋଷ ମେଣ୍ଟାଏ। ତେବେ ଏବର୍ଷ ପ୍ରଚଣ୍ଡ ଖରା ଯୋଗୁଁ ସେତକ ବି ଲୋକଙ୍କ ଭାଗ୍ୟରେ ଜୁଟିନି। ଅନ୍ୟ ଉପାୟ ନପାଇ ଶେଷରେ ଚୁଆ ପାଖରେ ମାଟି ତାଡ଼ି ପାଣି ସଂଗ୍ରହ କରୁଛନ୍ତି ଗ୍ରାମବାସୀ। କାଦୁଅ ମିଶା ଗୋଳିଆ ପାଣିକୁ କପଡ଼ାରେ ଛାଣି ଗରମ କରି ପିଇବାକୁ ବାଧ୍ୟ ହେଉଛନ୍ତି। ହେଲେ, ସରକାର ପ୍ରତିଘରକୁ ପାଇପ୍ ଯୋଗେ ଜଳଯୋଗାଣ ସ୍ୱପ୍ନ ଦେଖାଉଥିବା ବେଳେ ଗଉଡ଼ସାହି ଗାଁ ଲୋକଙ୍କ ଏ ଦୁର୍ଦ୍ଦଶା କାହା ଆଖିରେ ପଡୁନି। ନିର୍ବାଚନ ପରେ ସରକାର ଏଠାରେ ପାନୀୟଜଳ ବ୍ୟବସ୍ଥା ନକଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର କନିଷ୍ଠଯନ୍ତ୍ରୀ ସୃଷ୍ଟିଧର ବେହେରାଙ୍କୁ ପଚାରିବାରୁ ସେ କହିଲେ; ଉକ୍ତ ଅଞ୍ଚଳରେ ଜଳସ୍ତର କମ୍ ଥିବାରୁ ପ୍ରଶାସନ ପକ୍ଷରୁ ଖରାଦିନେ ଟ୍ୟାଙ୍କର ଯୋଗେ ଗାଁ ମୁଣ୍ଡ ଅଙ୍ଗନବାଡ଼ି ନିକଟରେ ପାଣି ଯୋଗାଇ ଦିଆଯାଏ। ଜଙ୍ଗଲ ଭିତରେ ଥିବାରୁ ଗାଁକୁ ଗାଡ଼ି ଯାଇପାରେନି। ତେବେ ସବୁଲୋକ ଟ୍ୟାଙ୍କର ଯାଏ ନ ଆସି ଚୁଆ ଖୋଳି ପାଣି ସଂଗ୍ରହ କରନ୍ତି।

ସେଲ୍, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା 'ଶ୍ରେଷ୍ଠ ଏକାଡେମିକ୍ ପ୍ରଦର୍ଶନ ପୁରସ୍କାର -୨୦୨୪' ପାଇଁ ଆବେଦନ ଆମନ୍ତ୍ରଣ

ରାଉରକେଲା, ୪/୬ (ନି.ପ୍ର): ରାଉରକେଲାରେ ଶିକ୍ଷାଗତ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ଏବଂ ଇସ୍ପାତ ସହରର ଛାତ୍ରଛାତ୍ରୀଙ୍କୁ ଉତ୍କର୍ଷତା ପାଇଁ ଅନୁପ୍ରେରିତ କରିବା ଲକ୍ଷ୍ୟରେ ସେଲ, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ବିଭିନ୍ନ ବୋର୍ଡ ଏବଂ ପରିଷଦର ଦଶମ, ଦ୍ୱାଦଶ (+୨ ସ୍ତର) ରେ ସର୍ବଶ୍ରେଷ୍ଠ ପାଠ୍ୟ ପ୍ରଦର୍ଶନକାରୀଙ୍କୁ 'ଶ୍ରେଷ୍ଠ ଏକାଡେମିକ୍ ପ୍ରଦର୍ଶନ ପୁରସ୍କାର' ପ୍ରଦାନ କରୁଛି। ଏହି ପୁରସ୍କାରରେ ସାର୍ଟିଫିକେଟ୍ ଏବଂ ନଗଦ ପୁରସ୍କାର ରହିଛି। ଏହି ଯୋଜନା ରାଉରକେଲାରେ ସ୍ଥିତ ସମସ୍ତ ବିଦ୍ୟାଳୟ / ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (+୨ କଲେଜ) ର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଯୁଜ୍ୟ ରହିଛି। (ରାଉରକେଲା ଶିଳ୍ପ ସହରାଞ୍ଚଳ ଏବଂ ରାଉରକେଲା ମ୍ୟୁନିସିପାଲ୍ କର୍ପୋରେସନ୍ ସୀମା ମଧ୍ୟରେ)। ଉଲ୍ଲେଖିତ ଅଞ୍ଚଳରୁ ଯେକୌଣସି ବିଦ୍ୟାଳୟ / ଉଚ୍ଚ ମାଧ୍ୟମିକ (+୨ ସ୍ତରୀୟ) ବିଦ୍ୟାଳୟର ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଯଥା ଏଚଏସସି ପରୀକ୍ଷା (ବିଏସଇ, ଓଡିଶା), ଆଇସିଏସଇ ପରୀକ୍ଷା (ସିଆଇଏସଏସଇ), ଏଆଇଏସଏସଇ ପରୀକ୍ଷା (ସିବିଏସଇ) ଏବଂ କଳା, ବିଜ୍ଞାନ ଏବଂ ବାଣିଜ୍ୟରେ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଯଥା ଉଚ୍ଚ ମାଧ୍ୟମିକ ପରୀକ୍ଷା (ସିଏଚଏସଇ, ଓଡିଶା), ଇଣ୍ଡିଆନ୍ ସ୍କୁଲ୍ ସାର୍ଟିଫିକେଟ୍ (ସିଆଇଏସ୍ଏସ୍ଇ), ଅଲ୍ ଇଣ୍ଡିଆ ସିନିୟର ସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା (ସିବିଏସ୍ଇ)ରେ ସର୍ବାଧିକ ନମ୍ବର ହାସଲ ନିମନ୍ତେ ଏହି ସମ୍ମାନଜନକ ପୁରସ୍କାର ଲାଭ କରିବେ। ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ଉପରୋକ୍ତ ପୁରସ୍କାର ନିମନ୍ତେ ଆବେଦନ ପାଇଁ, ବିଦ୍ୟାଳୟ / ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୁଖ୍ୟ/ ଅଧ୍ୟକ୍ଷ ସଂପୃକ୍ତ ଶିକ୍ଷାନୁଷ୍ଠାନର ଟପର ଛାତ୍ରଛାତ୍ରୀଙ୍କ ମାର୍କ ସିଟ୍ / ପ୍ରମାଣପତ୍ରର ସଠିକ୍ ପ୍ରମାଣିତ କପି ସହିତ ଟପ୍ପରଙ୍କ ନାମ, ଯୋଗାଯୋଗ ଠିକଣା ଏବଂ ଯୋଗାଯୋଗ ନମ୍ବର ଇସ୍ପାତ ବିଦ୍ୟାମନ୍ଦିର, ସେକ୍ଟର -୧୯ ସ୍ଥିତ ଆରଏସପି ଶିକ୍ଷା ବିଭାଗକୁ ଜଣାଇବେ ଯେଉଁଠାରେ ବୋର୍ଡ ଓ ପରିଷଦ ଟପ୍ପର ସୂଚୀ ପ୍ରସ୍ତୁତ କରାଯିବ। ଏହା ବ୍ୟତୀତ ଆଇସିଏସ୍ଇ (ଦଶମ ଶ୍ରେଣୀ) ବର୍ଗରେ ଯଦି ରାଉରକେଲାରେ ଅବସ୍ଥିତ କୌଣସି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସିଆଇଏସ୍ଏସ୍ଇ ନୂଆଦିଲ୍ଲୀ ଷ୍ଟେଟ୍ ଟପର୍ ଘୋଷିତ କରିଥାଏ, ତେବେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରାମାଣିକ ନଥି ସହିତ ଛାତ୍ରଛାତ୍ରୀଙ୍କ ନାମ ଦାଖଲ କରିବା ଆବଶ୍ୟକ। ସେକ୍ଟର-୬ ଇସ୍ପାତ ଷ୍ଟାଡିୟମରେ ସ୍ୱାଧୀନତା ଦିବସ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ।

ଶନିଦେବଙ୍କ ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଭଦ୍ରକ, ୪/୬ (ନି.ପ୍ର): ଏହି ଜିଲାର ବନ୍ତ ବ୍ଲକ ନିଲୋକ ପାୟତ ଘରପଦାସ୍ଥିତ ଶ୍ରୀ ଶ୍ରୀ ଶନିଦେବ ମନ୍ଦିରର ୭ମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ସୋମବାର ଅଧିବାସ, ଅଙ୍କୁରାରୋପଣ, ଜଳଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମର ଧନି ସା ପୁଷ୍କରିଣୀରୁ ୫୪ଟି କଳସ ଅଣାଯାଇ ଘଟସ୍ଥାପନା ପୂର୍ବକ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। କୈଳାସ ଚନ୍ଦ୍ର ଚଢେଇ, ଉର୍ମିଳା ଚଢେଇ, ନିହାର ରଞ୍ଜନ ଚଢେଇ ମୁଖ୍ୟ କଳସ ଧାରଣ କରିଥିବା ବେଳେ ଗ୍ରାମବାସୀ ମାନେ ପାର୍ଶ୍ୱ କଳସ ଧାରଣ କରିଥିଲେ। ମଙ୍ଗଳବାର ଯଜ୍ଞାରମ୍ଭ, ଗ୍ରହ ଉପଚାର ପୂଜା, ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବସନ୍ତ କୁମାର ମିଶ୍ର ପୂଜା କାର୍ଯ୍ୟ ଓ ଶାନ୍ତନୁ କୁମାର ପଣ୍ଡା, ଦୀଲିପ କୁମାର ଦାଶ, କମଳାକାନ୍ତ ପାଢୀ, ଦୀପ୍ତିକାନ୍ତ ଉପାଧ୍ୟାୟ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ସୋମବାର ମାନସୀ ପାତ୍ର ଓ ସାଥୀଙ୍କ ଦ୍ୱାରା ଭଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨ ଦିନ ବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମବାସୀ ମାନେ ସହଯୋଗ କରିଥିଲେ।

ଆରଏସପିର ସେଲ ହକି ଏକାଡେମୀ ନିମନ୍ତେ ଜୁନ ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ କ୍ୟାଡେଟ ଚୟନ

ରାଉରକେଲା, ୪/୬ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା ପରିଚାଳିତ ସେଲ ହକି ଏକାଡେମୀରେ ନାମଲେଖା ପାଇଁ କ୍ୟାଡେଟ ଚୟନ ନିମନ୍ତେ ମନୋନୟନ ପରୀକ୍ଷା ୨୦୨୪ ଜୁନ ୧୨ରୁ ୧୫ତାରିଖ ପର୍ଯ୍ୟନ୍ତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ। ପ୍ରାର୍ଥୀମାନେ ବ୍ୟାଟେରୀ ଟେଷ୍ଟ ପାଇଁ ଯୋଗ୍ୟତା ହାସଲ ନିମନ୍ତେ ୦୧.୦୭.୨୦୨୪ ସୁଦ୍ଧା ୧୪ରୁ ୧୬ ବର୍ଷ ମଧ୍ୟରେ ହୋଇଥିବେ (୨୦୦୮ ଜୁଲାଇ ପହିଲାରୁ ୨୦୧୦ ଜୁଲାଇ ପହିଲା ମଧ୍ୟରେ ଜନ୍ମ ତାରିଖ ହୋଇଥିବା ଆବଶ୍ୟକ)।

ପ୍ରାର୍ଥୀମାନଙ୍କୁ ଆବେଦନ ଫର୍ମ ଓ ଗେଜେଟେଡ ଅଫିସରଙ୍କ ଦ୍ୱାରା ଆଟେଷ୍ଟେଡ ହୋଇଥିବା ଆବଶ୍ୟକୀୟ ପ୍ରମାଣପତ୍ର ସହ ଜୁନ ୧୧ ତାରିଖ ସନ୍ଧ୍ୟା ସୁଦ୍ଧା ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ, ସେକ୍ଟର ୫ ରାଉରକେଲାରେ ରିପୋର୍ଟ କରିବା ଆବଶ୍ୟକ। ଜନ୍ମ ତାରିଖ ପ୍ରମାଣ ପାଇଁ ମ୍ୟାଟ୍ରିକ ସାର୍ଟିଫିକେଟ କିମ୍ବା ରେଜିଷ୍ଟ୍ରାର ଅଫ ବାର୍ଥ ଆଣ୍ଡ ଡେଥ/ ଉପଯୁକ୍ତ ସରକାରୀ ପଦାଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ପ୍ରମାଣପତ୍ର ତଥା ଆଧାର କାର୍ଡ ଗ୍ରହଣ କରାଯିବ। ଯାଞ୍ଚ ନିମନ୍ତେ ସମସ୍ତେ ନିଜର ମୂଳ ପ୍ରମାଣପତ୍ର ଦେଖାଇବାକୁ ହେବ।

କୌଣସି ଅନୁଷ୍ଠାନ, ଆସୋସିଏସନ କିମ୍ବା ପ୍ଲାଣ୍ଟ ଗୁଡିକ ସର୍ବାଧିକ ୪ ଜଣ ପୁରୁଷ ଖେଳାଳୀ ପଠାଇ ପାରିବେ। ରାଉରକେଲାରେ ମନୋନୟନ ପରୀକ୍ଷା ସମୟରେ ଖେଳାଳୀମାନଙ୍କୁ ମାଗଣାରେ ରହିବା ଓ ଖାଇବା ଯୋଗାଇ ଦିଆଯିବ। ଏ ବିଷୟରେ ବିଶଦବିବରଣୀ ପାଇଁ ଖେଳାଳୀ ମାନେ କ୍ରୀଡା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଏବଂ ଇନ ଚାର୍ଜ ସେଲ ହକି ଏକାଡେମୀ, ଶ୍ରୀ ରଘୁ ନନ୍ଦନ ପାଢୀ ଓ ସେଲ ହକି ଏକାଡେମୀର ପ୍ରଶିକ୍ଷକ, ଶ୍ରୀ ରାଜୁ କାନ୍ତ ସାଇନିଙ୍କୁ ମୋବାଇଲ ନମ୍ବର ୮୮୯୫୫୦୪୭୫୧ ଏବଂ ୮୯୧୭୪୫୩୬୪୯ ରେ ଯୋଗାଯୋଗ କରିପାରିବେ।

ଖେଳାଳୀମାନେ ମନୋନୀତ ହୋଇ ଏକାଡେମୀ ଅଧୀନକୁ ଆସିବା ପରେ ଖେଳରେ ସେମାନଙ୍କର ଧ୍ୟାନ ସଂପୂର୍ଣ୍ଣ କେନ୍ଦ୍ରିତ ହେବା ସୁନିଶ୍ଚିତ କରିବା ପାଇଁ ସମସ୍ତ ପ୍ରକାର ଯତ୍ନ ନିଆଯାଇଥାଏ। ଏଠାରେ କ୍ୟାଡେଟ ମାନଙ୍କୁ ଏକାଡେମୀ ପକ୍ଷରୁ ମାଗଣାରେ ରହିବା, ମାସିକ ବୃତ୍ତି, ସୁଷମ ଖାଦ୍ୟ, ଶିକ୍ଷା ଏବଂ ଅତ୍ୟାଧୁନିକ ଜିମନାସିୟମ ଆଦି ସୁବିଧା ଯୋଗାଇ ଦିଆଯାଇଥାଏ। ସେମାନଙ୍କୁ ଖେଳ କିଟ ସମେତ ଆରଏସପି ହସ୍ପିଟାଲରେ ମାଗଣା ଚିକିତ୍ସା, ସ୍ଥାନୀୟ ସ୍କୁଲ ଓ କଲେଜରେ ଶିକ୍ଷା ସହାୟତା, ତାଲିମ ସମୟରେ ବୀମା ସୁବିଧା ଏବଂ ବର୍ଷକରେ ଥରେ ପିତାମାତା କିମ୍ବା ଅଭିଭାବକମାନଙ୍କ ପାଖକୁ ଯିବା ପାଇଁ ବସ ଭଡା କିମ୍ବା ଟ୍ରେନ ଭଡା ଆଦି ବିଭିନ୍ନ ସୁବିଧା ପ୍ରଦାନ କରାଯିବ।

ଏତଦ ବ୍ୟତୀତ, କ୍ୟାଡେଟମାନେ ବହୁ ଗୁରୁତ୍ୱପୂର୍ଣ୍ଣ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ଟୁର୍ଣ୍ଣାମେଣ୍ଟ ଖେଳିବାର ସୁଯୋଗ ପାଇବେ ଯାହା ସେମାନଙ୍କୁ ଲୋକଲୋଚନକୁ ଆଣିବାରେ ସହାୟକ ହେବ। ଆରଏସପିର ସେଲ ହକି ଏକାଡେମୀ ଦଳ କେବଳ ଜାତୀୟ ସ୍ତରରେ ନୁହେଁ, ଆନ୍ତର୍ଜାତୀୟ ହକି କ୍ଷେତ୍ରରେ ମଧ୍ୟ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଟୋକିଓ ଅଲମ୍ପିକରେ ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ହକି ଦଳର ଉପଅଧିନାୟକ, ବିରେନ୍ଦ୍ର ଲାକ୍ରା ସେଲ ହକି ଏକାଡେମୀର ପୁରାତନ କ୍ୟାଡେଟ ଅଟନ୍ତି।

ଉଲ୍ଲେଖନୀୟ ଯେ ଚୟନୀତ କ୍ୟାଡେଟ ମାନେ ଅତ୍ୟାଧୁନିକ ସିନଟ୍ଟେଟିକ୍ ଟର୍ଫ, ମନୋରମ ଗ୍ୟାଲେରୀ ଏବଂ ପାଭିଲିୟନ, କମ୍ପ୍ୟୁଟରାଇଜଡ୍ ସ୍କ୍ରିଙ୍କଲର ଏବଂ ନବୀକୃତ ଅନ୍ୟାନ୍ୟ ଭିତ୍ତିଭୂମିରେ ସୁସଜ୍ଜିତ ସଦ୍ୟ ନବୀକୃତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ୍ ରେ ଏନଆଇଏସ ଯୋଗ୍ୟତାପ୍ରାପ୍ତ ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଲାଭ କରିବେ। ଏହି ଷ୍ଟାଡିୟମ୍ ଏଫଆଇଏଚ ବର୍ଗ ୨ ହକି ଫିଲ୍ଡ ସାର୍ଟିଫିକେଟ୍ ରେ ପ୍ରମାଣିତ ଅଟେ ଯାହା ଏହାକୁ ବର୍ଗ ୨ ସ୍ତରୀୟ ଜାତୀୟ ଏବଂ ଆନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆୟୋଜନ କରିବାର ଯୋଗ୍ୟତା ପ୍ରଦାନ କରୁଛି।

ନୀଳଗିରି ଅବକାରୀ ବିଭାଗ ଦ୍ୱାରା ବିପୁଳ ପରିମାଣର ଗଞ୍ଜେଇ ଜବତ: ଜଣେ ଗିରଫ

ନୀଳଗିରି , ୪/୬ (ନି.ପ୍ର): ନୀଳଗିରି ଅବକାରୀ ବିଭାଗ ଦ୍ୱାରା ଚଢାଉ କରି ମିରିଗିଣୀ ନିକଟବର୍ତ୍ତୀ ଛୋଟକାନପୁର ଗ୍ରାମରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ସୂଚନା ଅନୁଯାୟୀ ବିଶେଷ ସୂତ୍ରରୁ ଖବରପାଇ ଅବକାରୀ ବିଭାଗ ଅପରାହ୍ନରେ ଛୋଟକାନପୁର ଗ୍ରାମର ସ୍ୱର୍ଗତ ରାମଚନ୍ଦ୍ର ଜେନାଙ୍କ ପୁଅ ସନ୍ତୋଷ କୁମାର ଜେନାଙ୍କ ଘରେ ଚଢାଉ କରି ୫୧କେ. ଜି ଓଜନର ଗଞ୍ଜେଇ ଜବତ କରିବା ସହିତ ଅଭିଯୁକ୍ତ ସନ୍ତୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ୭୨/୨୪ରେ ମାମଲା ରୁଜୁ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

ଆରପିଏଫ୍ ଡିଜିଙ୍କ ପୂର୍ବତଟ ରେଳପଥ ପରିଦର୍ଶନ

ଭୁବନେଶ୍ୱର, ୪/୬ (ନି.ପ୍ର): ରେଳ ସୁରକ୍ଷା ବଳ (ଆରପିଏଫ୍) ର ମହାନିର୍ଦ୍ଦେଶକ (ଡିଜିପି) ଆଇପିଏସ୍ ମନୋଜ ଯାଦବ ଗତକାଲି ପୂର୍ବ ତଟ ରେଳପଥ ମୁଖ୍ୟାଳୟ ଠାରେ ରେଳପଥର ନିରାପତା ସମ୍ବନ୍ଧୀୟ କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିଛନ୍ତି। ଏହି ପରିଦର୍ଶନ ସମୟରେ ରେଳପଥର ନିରାପତା କାର୍ଯ୍ୟଦକ୍ଷତାକୁ ଆକଳନ କରିବା ଏବଂ ଯାତ୍ରୀଙ୍କ ସୁରକ୍ଷା ଏବଂ ନିରାପତା ସୁନିଶ୍ଚିତ କରିବାରେ ଅଧିକ ଅଗ୍ରଗତିର ରଣନୀତି କରିବା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା।

ଶ୍ରୀ ଯାଦବ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ସହ ରେଳବାଇର ସୁରକ୍ଷା ବଳ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ନୂତନ ଜ୍ଞାନକୌଶଳ, ନ୍ୟାୟିକ ଉଦାହରଣ ଏବଂ ଆଇନ ପ୍ରଣୟନରେ ସର୍ବୋତମ ଅଭ୍ୟାସ ସମ୍ବନ୍ଧରେ ସଚେତନତା ପାଇଁ ଆଲୋଚନା କରିଥିଲେ।

ଶ୍ରୀ ଯାଦବଙ୍କ ଗସ୍ତ ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ବୈଠକ ଏବଂ ପାରସ୍ପରିକ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ସେ ବର୍ତମାନର ନିରାପତା ଭିତିଭୂମି ଦୃଶ୍ୟର ଆକଳନ କରିବା ପାଇଁ ଖୋର୍ଦ୍ଧା ରୋଡ, ୱାଲଟିୟର ଏବଂ ସମ୍ବଲପୁର ରେଳ ମଣ୍ଡଳର ମଣ୍ଡଳ ନିରାପତା ଆୟୁକ୍ତ ଓ ବରିଷ୍ଠ ନିରାପତା ଆୟୁକ୍ତଙ୍କ ସହ ଯାତ୍ରୀଙ୍କ ନିରାପତ୍ତା ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ବୈଷୟିକ ପ୍ରଗତି କ୍ଷେତ୍ରରେ ଅବଗତ ରହିବାର ମହତ୍ୱକୁ ଦର୍ଶାଇ ଡିଜି ଶ୍ରୀ ଯାଦବ ରେଳ ନିରାପତା ପ୍ରୟାସରେ ଆଧୁନିକ ଜ୍ଞାନକୌଶଳର ଏକୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସୁରକ୍ଷା ଫଳାଫଳକୁ ବୃଦ୍ଧି କରାଇବା ଏବଂ ଆଦର୍ଶ ପ୍ରଦର୍ଶନ ମାଧ୍ୟମରେ ରେଳ ସୁରକ୍ଷା କର୍ମଚାରୀଙ୍କ ସକରାତ୍ମକ ଭାବମୂର୍ତ୍ତିକୁ ବଢାଇବା ପାଇଁ ନୂତନ ଜ୍ଞାନକୌଶଳର ଉପଯୋଗ ପାଇଁ ସେ ଗୁରୁତ୍ୱାରୋପ କରିଥିଲେ।

ସମ୍ପ୍ରତି ସମ୍ବିଧାନ ସଂଶୋଧନ ବିଷୟରେ ସଚେତନତା ତଥା ବୁଝାମଣାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଭାରତୀୟ ନ୍ୟାୟ ସଂହିତା, ଭାରତ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ନାମକ ତିନୋଟି ନୂତନ ଅପରାଧିକ ଆଇନ ଉପରେ ଏକ ସେମିନାର ଆୟୋଜନ କରାଯାଇଥିଲା। ଏହି ସେମିନାରରେ ଆରପିଏଫ୍ କର୍ମକର୍ତ୍ତାଙ୍କୁ ସାମ୍ପ୍ରତିକ ସମ୍ବିଧାନ ସଂଶୋଧନ, ନ୍ୟାୟିକ ପ୍ରାଥମିକତା ଏବଂ ଆଇନ ପ୍ରଣୟନରେ ସର୍ବୋତମ ଅଭ୍ୟାସ ବିଷୟରେ ସୂଚନା ପ୍ରଦାନ କରାଯାଇଥିଲା, ଯାହା ସେମାନଙ୍କ ଭୂମିକାରେ ଖାପ ଖୁଆଇବା ଏବଂ ଉତ୍କର୍ଷ କରିବାର କ୍ଷମତାକୁ ସୁଗମ କରିଥିଲା। ଡିଜି ଶ୍ରୀ ଯାଦବ ମଧ୍ୟ ଆରପିଏଫ କର୍ମଚାରୀଙ୍କ କଲ୍ୟାଣକୁ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଖୋର୍ଦ୍ଧା ରୋଡରେ ଅନୁଷ୍ଠିତ ସୁରକ୍ଷା ସମ୍ମିଳନୀ ସମୟରେ ସେ ଚାପ ପରିଚାଳନା, ସ୍ୱାସ୍ଥ୍ୟ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଯାତ୍ରୀମାନଙ୍କ କଲ୍ୟାଣ ସୁନିଶ୍ଚିତ କରିବାକୁ ଆରପିଏଫ କର୍ମଚାରୀଙ୍କୁ ଉତ୍ସର୍ଗୀକୃତ ରହିବାକୁ ଉପଦେଶ ଦେଇଥିଲେ। ପୂର୍ବତଟ ରେଳପଥର ପ୍ରମୁଖ ନିରାପତା ଆୟୁକ୍ତ, ମୁଖ୍ୟ ନିରାପତା ଆୟୁକ୍ତ / ଆରପିଏଫ ଏବଂ ବିଭାଗୀୟ ସୁରକ୍ଷା ଆୟୁକ୍ତ / ଆରପିଏଫ / ଖୋର୍ଦ୍ଧା ରୋଡ ରେଳ ମଣ୍ଡଳ ସମେତ ପ୍ରମୁଖ ଅଧିକାରୀଙ୍କ ସହ ଡିଜି ଶ୍ରୀ ଯାଦବ ନିରାପତା କ୍ଷେତ୍ରରେ ପ୍ରମୁଖ ପ୍ରଦର୍ଶନ ସୂଚକାଙ୍କ (ଉଉଚ) ଅନୁଯାୟୀ ରେଳପଥର ଉତ୍କର୍ଷ ନିରାପତ୍ତା ପ୍ରତିବଦ୍ଧତା ପ୍ରଦର୍ଶନକୁ ପ୍ରଶଂସା କରିଥିଲେ। ଅଧିକନ୍ତୁ, ଶ୍ରୀ ଯାଦବଙ୍କ ଗସ୍ତର ଏକ ଅଂଶ ଭାବରେ ଡିଜି ଶ୍ରୀ ଯାଦବ କଟକ ରେଳ ଷ୍ଟେସନରେ ଏକ ନୂତନ ଆରପିଏଫ୍ ପୋଷ୍ଟର ଉଦଘାଟନ କରିଥିଲେ ଏବଂ କଟକ ରେଳ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟର ଏକ ଅଂଶ ଭାବରେ ଚାଲିଥିବା ନିରାପତ୍ତା ଉନ୍ନତି ସମ୍ବନ୍ଧରେ ନୀରିକ୍ଷଣ କରିଥିଲେ।

ପୂର୍ବତଟ ରେଳପଥ ମୁଖ୍ୟାଳୟ ପରିଦର୍ଶନ ପୂର୍ବରୁ ଡିଜି ଶ୍ରୀ ଯାଦବ ୱାଲଟିୟର ରେଳ ମଣ୍ଡଳ ପରିଦର୍ଶନ କରିଥିଲେ, ଯେଉଁଠାରେ ସେ ମଣ୍ଡଳ ନିରାପତ୍ତା ଆୟୁକ୍ତ, ଆରପିଏଫ ପାଇଁ ଏକ ନୂତନ କାର୍ଯ୍ୟାଳୟର ଉଦଘାଟନ କରିଥିଲେ ଏବଂ ବାଚେଲି-କାକଲୁର ରେଳ ସେକ୍ସନ ସମେତ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ନିରାପତ୍ତା ବ୍ୟବସ୍ଥା ଆକଳନ କରିଥିଲେ।

ମୋ ସ୍କୁଲ ଅଭିଯାନ ସମାବେଶ ପାଇଁ ପ୍ରସ୍ତୁତି: କୁସଙ୍ଗ ହାଇସ୍କୁଲ ନୂତନ ଗୃହ ଉଦ୍‌

ରାତି ସାରା ଏସି ଲଗାଇ ଶୋଉଛନ୍ତି କି ? : ମାଡ଼ି ବସିବ ବହୁ ରୋଗ

ଲୋକଙ୍କୁ କଲବଲ କରୁଛି ଅସହ୍ୟ ତାତି । ତାତିରୁ ନିସ୍ତାର ପାଇବାକୁ ତ୍ରାହି ତ୍ରାହି ଡାକୁଛନ୍ତି ଲୋକେ । ଖରାର କୋପ ସହି ନ ପାରି ଅକାଳରେ ଚାଲି ଯାଉଛି ବହୁ ଜୀବନ । ଏପରି ସ୍ଥଳେ ତାତିରୁ ମୁକ୍ତି ପାଇବାକୁ ଲୋକେ ଏସିର ଥଣ୍ଡା ହାଓ୍ୱା ଚାହୁଁଛନ୍ତି । ତେଣୁ ଏବେ ବଜାରରେ ଏସିର ଚାହିଦା ପ୍ରବଳ । ଯେକୌଣସି ପ୍ରକାରେ ନିଜ ଘରେ ଏସି ଲଗାଇ ତାତିକୁ ବାଏ ବାଏ କହିବାକୁ ସମସ୍ତେ ତତ୍ପର ।

ଏସି ରୁମ୍‌ରେ ପଶିଗଲେ ପରମ ତୃପ୍ତି ମିଳୁଥିବାରୁ ଆଉ ବନ୍ଦ କରିବାକୁ କାହାର ହାତ ଯାଉନି । ବହୁ ଲୋକେ ରାତି ସାରା ଏସି ଲଗାଇ ଶୋଇବାକୁ ପଛାଉ ନାହାନ୍ତି । ଏପରି କରିବା ଦ୍ୱାରା ସଙ୍ଗେସଙ୍ଗେ ଶାନ୍ତି ମିଳୁଥାଇପାରେ, ମାତ୍ର ଏଥିଯୋଗୁ ଆପଣ ବହୁ ଶାରୀରିକ ସମସ୍ୟାର ସମ୍ମୁଖୀନ ହୋଇ ପାରନ୍ତି ।

ଭୋର ୪ଟାରୁ ୫ଟା ମଧ୍ୟରେ ଶରୀରର ତାପମାତ୍ର କମ୍ ? ରହିଥାଏ । ଏପରି ସମୟରେ ରାତିରେ ଏସି ଚାଲୁ କରି ଶୋଇଲେ ବହୁ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ । ତେଣୁ ଆସନ୍ତୁ ଜାଣିବା ରାତି ସାରା ଏସିରେ ଶୋଇବା ଦ୍ୱାରା ଆପଣ କେଉଁ କେଉଁ ସମସ୍ୟା ଭୋଗିବେ । ଯେଉଁ ଲୋକ ଦିନରେ କାମ ସମୟରେ ଏସିରେ ରହୁଛନ୍ତି ଓ ରାତିରେ ଶୋଇବା ବେଳେ ବି ଏସିକୁ ଚାଲୁ ରଖୁଛନ୍ତି, ସେମାନେ ମୁଖ୍ୟତଃ ମୁଣ୍ଡ ବିନ୍ଧା ରୋଗରେ ପୀଡ଼ିତ ହୋଇଥାନ୍ତି । କାରଣ ରାତି ସାରା ଏସିର ଥଣ୍ଡା ପବନ ଆପଣଙ୍କ ମୁଣ୍ଡରେ ମାଡ଼ ହୋଇଥାଏ । ଫଳରେ ଏପରି ସ୍ଥିତିରେ ମୁଣ୍ଡ ବିନ୍ଧିବା ଓ ମୁଣ୍ଡ ଭାରି ଭାରି ଲାଗିବା ସାଧାରଣ କଥା ।

ରାତି ସାରା ଏସି ଲଗାଇ ଶୋଇବା ଯୋଗୁ ଶରରୀର ତାପମାତ୍ରା ଖସିଥାଏ । ଏଥିଯୋଗୁ ହଜମ ପ୍ରକ୍ରିୟା ବି ପ୍ରଭାବିତ ହୋଇଥାଏ । କାରଣ ସବୁବେଳେ ଥଣ୍ଡା ତାପମାତ୍ରାରେ ରହିବା ଯୋଗୁ ପାଚନ କ୍ରିୟା ବାଧାପ୍ରାପ୍ତ ହୋଇଥାଏ ।

ରାତି ସାରା ଏସିରେ ଶୋଇବା ଦ୍ୱାରା ଶରୀରରୁ ଜଳୀୟ ଅଂଶ ଶୁଖି ଯାଇଥାଏ । ଏପରିକି ଶରୀରରୁ ଖଣିଜ ଲବଣ କମି ଯାଇଥାଏ ଓ ତଣ୍ଟି ଶୁଖି ଯାଇଥାଏ ।

ସାରା ରାତି ଏସିରେ ଶୋଇବା ଯୋଗୁ ଆମ ଚର୍ମ ଶୁଷ୍କ ହୋଇଯାଇଥାଏ । ଫଳରେ ଚର୍ମରୁ ଚମକ କମି ଯାଇଥାଏ । ଏହା ପୂରା ଡ୍ରାଏ ହୋଇ ଯାଇଥାଏ । ଏସିରେ ରାତି ସାରା ଶୋଇବା କାରଣରୁ ସବୁବେଳେ ଥଣ୍ଡା ଲାଗିରୁହେ । କାରଣ ରାତି ସମୟରେ ଆମ ଶରୀର ନିଷ୍କ୍ରୀୟ ଅବସ୍ଥାରେ ଥାଏ । ଏପରି ସମୟରେ ନନ୍‌ଷ୍ଟପ୍ ଥଣ୍ଡା ପବନ ମାଡ଼ ହୋଇ ସହଜରେ ଥଣ୍ଡା ସଂକ୍ରମଣ ମାଡ଼ି ବସିଥାଏ । ଫ୍ରେଶ ପବନ ସବୁବେଳେ ଲୋକଙ୍କୁ ଏନର୍ଜେଟିକ କରିଥାଏ । ମାତ୍ର ରାତିରେ କବାଟ,ଝରକା ବନ୍ଦ କରି ଏସି ଲଗାଇ ଶୋଇବା ଦ୍ୱାରା ଶରୀରରେ ଫ୍ରେଶ ପବନ ବାଜି ନ ଥାଏ । ଫଳରେ ସକାଳେ ଉଠିବା ପରେ ଥକାପଣ ଅନୁଭବ ହୋଇଥାଏ ।

କେବଳ ଏକ ପ୍ରଥା ନୁହେଁ: କଦଳୀ ପତ୍ରରେ ଖାଇଲେ ଦୂର ହୁଏ ଏହି ସବୁ ରୋଗ !

ପୂର୍ବରୁ କଦଳୀ ପତ୍ରରେ ଖାଦ୍ୟ ପରିବେଷଣ ଖୁବ୍ ପ୍ରଚଳିତ ଥିଲା । ଆଜି ମଧ୍ୟ ଦକ୍ଷିଣ ଭାରତରେ ଅନେକ ଲୋକ କଦଳୀ ପତ୍ରରେ ଖାଇବାକୁ ପସନ୍ଦ କରନ୍ତି, ଏହା ସେମାନଙ୍କ ପାଇଁ ଏକ ପରମ୍ପରା ପାଳନ କରିବା ପରି । କଦଳୀ ପତ୍ରରେ ଖାଇବା କେବଳ ଯେ ଏକ ପରମ୍ପରା ବା ପୂର୍ବ ପ୍ରଚଳନ ତାହା ନୁହେଁ, ଏଥିରେ ଅନେକ ପ୍ରକାର ଉପକାରୀ ଗୁଣ ରହିଛି । କଦଳୀ ପତ୍ରରେ ଖାଇବା ଦ୍ୱାରା କି କି ସ୍ୱାସ୍ଥ୍ୟ ଉପକାରୀ ଗୁଣ ମିଳିଥାଏ, ଜାଣନ୍ତୁ...

ମଧୁମେହ ରୋକିଥାଏ: କଦଳୀ ପତ୍ରର ଅନେକ ଗୁଣ ଅଛି, ଯାହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । ଏହା ବ୍ୟତୀତ କଦଳୀ ପତ୍ର ମଧୁମେହକୁ ନିୟନ୍ତ୍ରଣ କରିପାରିବ ଏବଂ ଏହାର ବିପଦକୁ ମଧ୍ୟ ହ୍ରାସ କରିପାରିବ ।

ହଜମ ପ୍ରକ୍ରିୟାରେ ସୁଧାର ଆଣେ: କଦଳୀ ପତ୍ରରେ ଖାଇବା ଦ୍ୱାରା ହଜମ ଶ୍ରୀଘ୍ର ହୋଇଥାଏ । ଏଥିରେ ଏପରି ଗୁଣ ରହିଛି, ଯାହା ହଜମ ପ୍ରକ୍ରିୟାକୁ ସୁସ୍ଥ ରଖିବା ସହ ଜୀବାଣୁ ନିୟନ୍ତ୍ରଣ କରିପାରେ ।

ଓଜନ କମାଇବାରେ ସାହାଯ୍ୟ କରେ: କଦଳୀ ପତ୍ରରେ ଭିଟାମିନ୍ ବି, ସି ଏବଂ ଫାଇବର ଥାଏ, ଯାହା ଓଜନ ନିୟନ୍ତ୍ରଣରେ ସାହାଯ୍ୟ କରିଥାଏ । ଏହା ବ୍ୟତୀତ ଭୋକକୁ ନିୟନ୍ତ୍ରଣ କରିବାରେ ମଧ୍ୟ ସାହାଯ୍ୟ କରିପାରିବ । ଓଜନ ହ୍ରାସ କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ କଦଳୀ ପତ୍ରରେ ଖାଇବା ଅତ୍ୟନ୍ତ ଲାଭଦାୟକ ହୋଇପାରେ ।

ଭିଟାମିନ୍ ଏବଂ ମିନେରାଲ୍ସର ଉତ୍ତମ ଉତ୍ସ : କଦଳୀ ପତ୍ରରେ ଭିଟାମିନ୍ ସି, ଏ, କ୍ୟାଲସିୟମ୍ ଏବଂ ପୋଟାସିୟମ୍ ପରି ଉତ୍ତମ ପରିମାଣର ଭିଟାମିନ୍ ଏବଂ ମିନେରାଲ୍ସ ଥାଏ । ଏହି ସମସ୍ତ ପୋଷକ ତତ୍ତ୍ୱ ସ୍ୱାସ୍ଥ୍ୟ ପାଇଁ ବହୁତ ଉପକାରୀ ବୋଲି ବିବେଚନା କରାଯାଏ ।

ଶ୍ୱାସ ରୋଗର ଚିକିତ୍ସା: ଆସ୍ଥମା ଏବଂ ବ୍ରୋଙ୍କାଇଟିସ୍ ଭଳି ନିଶ୍ୱାସ ପ୍ରଶ୍ୱାସ ଜନିତ ସ୍ୱାସ୍ଥ୍ୟ ସମସ୍ୟାର ଚିକିତ୍ସା ପାଇଁ କଦଳୀ ପତ୍ର ସହାୟକ ହୋଇପାରେ । ଏହା ବ୍ୟତୀତ ଅନେକ ପ୍ରକାରର ରୋଗ ସହିତ ଲଢିବାରେ ମଧ୍ୟ ସାହାଯ୍ୟ କରିଥାଏ କଦଳୀ ପତ୍ର ।

କ୍ୟାପ୍‌ସିକମ୍ ଓ ସିମ୍‌ଲା ଲଙ୍କାକୁ କେବଳ ସ୍ୱାଦ ନୁହେଁ, ସ୍ୱାସ୍ଥ୍ୟ ପାଇଁ ବି ଖାଆନ୍ତୁ

ଓଜନ ବୃଦ୍ଧି ଆଜିକାଲି ଏକ ସାଧାରଣ ସମସ୍ୟା । ଅଧିକାଂଶ ଲୋକ ଖାଦ୍ୟକୁ ନିୟନ୍ତ୍ରଣ କରି ନିଜ ଓଜନକୁ ଆୟତ୍ତରେ ରଖିଥାନ୍ତି । କିନ୍ତୁ କିଛି ଲୋକ ଖାଦ୍ୟ ନିୟନ୍ତ୍ରଣ ନକରି କେବଳ ବିକଳ୍ପ ଖାଦ୍ୟ ଖୋଜିଥାନ୍ତି । ତାହା ବି କିଛି ମାତ୍ରାରେ ଫଳପ୍ରଦ ହୋଇଥାଏ । ଆପଣ ତ ଜାଣନ୍ତି ଯେ କ୍ୟାପସିକମ୍ ଓ ସିମ୍‌ଲା ଲଙ୍କା ଗୋଟାଏ ଗୋଟାଏ ଲୋକପ୍ରିୟ ପରିବା, ଯାହା ଓଜନ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସବୁଜ, ନାଲି ଏବଂ ହଳଦିଆ ଆଦି ଅନେକ ରଙ୍ଗରେ କ୍ୟାପସିକମ୍ ଉପଲବ୍ଧ । ଏଥିରେ ସମସ୍ତ ପ୍ରକାରର ଭିଟାମିନ୍ ଏବଂ ମିନେରାଲ୍ସ ଭରପୂର ପରିମାଣର ଅଛି । ଯେଉଁମାନଙ୍କର ପେଟ ବଢୁଛି, ସେମାନେ ଏହାକୁ ଖାଇ ଓଜନ ହ୍ରାସ କରିପାରିବେ । ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ମେଟାବୋଲିକ୍ ସ୍ୱାସ୍ଥ୍ୟ ପାଇଁ କ୍ୟାପସିକମ୍ ଓ ସିମ୍‌ଲା ଲଙ୍କା ଖାଇବା ଭଲ । ବିଶେଷକରି ଯେଉଁମାନଙ୍କ ଓଜନ ବୃଦ୍ଧି ପାଉଛି ସେମାନଙ୍କ ପାଇଁ ଏହି ଦୁଇ ପରିବା ଖୁବ୍ ଉପକାରୀ । ଓଜନ ହ୍ରାସ କରିବାକୁ ଦିନସାରା କ୍ୟାଲୋରି ହ୍ରାସ କରିବାକୁ ପଡ଼େ । ଯେଉଁଥିପାଇଁ ଏପରି ଖାଦ୍ୟ ଖାଇବା ଉଚିତ ଯେଉଁଥିରେ ଅଧିକ କ୍ୟାଲୋରି ନାହିଁ । କ୍ୟାପ୍ସିକମ୍ ଓ ସିମ୍‌ଲା ଲଙ୍କାରେ ଖୁବ୍ କମ୍ କ୍ୟାଲୋରି ଥାଏ, ଏହା ଓଜନ ହ୍ରାସ ପାଇଁ ଉତ୍କୃଷ୍ଟ ବିକଳ୍ପ । ଏହାକୁ ଖାଇବା ଦ୍ୱାରା କ୍ୟାଲୋରି ବୃଦ୍ଧିରୁ ମୁକ୍ତି ମିଳିଥାଏ । କ୍ୟାପ୍‌ସିକମ୍ ଓ ସିମ୍‌ଲା ଲଙ୍କା ପୁଷ୍ଟିକର ଫାଇବରରେ ଭରପୂର । ଏହା ଉତ୍ତମ ହଜମ କରିଥାଏ ଏବଂ ପେଟକୁ ଭଲ ରଖେ । ଏହି ଦୁଇ ଖାଦ୍ୟକୁ ଖାଇଲେ ଅତିରିକ୍ତ ଚର୍ବି ଶୀଘ୍ର କ୍ଷୟ ହୋଇଥାଏ । ସେଥିପାଇଁ ଏହି ପନିପରିବା ଓଜନ ହ୍ରାସ ଖାଦ୍ୟର ଏକ ଅତ୍ୟାବଶ୍ୟକ ଅଂଶ ହୋଇପାର ।

ନିଦ କମିଗଲେ ମସ୍ତିଷ୍କ ମାନ୍ଦା

ଗୋଟିଏ ରାତି ଯଦି ଆପଣଙ୍କୁ ଭଲ ନିଦ ନହୁଏ ତେବେ ତାହା ମସ୍ତିଷ୍କରେ ପ୍ରଭାବ ପକାଏ । ଏମିତିକା ଅବସ୍ଥା ବହୁଦିନ ଲାଗି ରହିଲେ ମସ୍ତିଷ୍କର କାର୍ଯ୍ୟଦକ୍ଷତା କମିଯାଏ ବୋଲି ଜର୍ଣ୍ଣାଲ ସ୍ଲିପରେ ପ୍ରକାଶ ପାଇଛି । ଅଠର ଜଣ ସୁସ୍ଥ ଯୁବକଙ୍କୁ ରାତିରେ ପୂରା ଆଠ ଘଣ୍ଟା ଶୋଇବାକୁ ଦିଆଯାଇଥିଲା ଓ ତାପରେ ଦିନ ରାତିରେ ସେମାନଙ୍କୁ କୌଣସି କାରଣରୁ କମ୍ ସମୟ ଶୋଇବାକୁ ଦେବାପରେ ଦେଖାଯାଇଥିଲା ସେମାନଙ୍କ ରକ୍ତରେ ଦୁଇଟି ବ୍ରେନ ମଲିକ୍ୟୁଲ ବୃଦ୍ଧି ପାଇଛି । ଏହି ଦୁଇଟି ହେଲା- ନ୍ୟୁରୋନ ସ୍ପେଶିଫିକ୍ ଏନୋଲେସ (ଏନଏସଇ) ଏବଂ ଏସ୍-୧୦୦ କ୍ୟାଲସିୟମ ବାଇଣ୍ଡିଂ ପ୍ରୋଟିନ ବି (ଏସ-୧୦୦ ବି) । ଏହା ରକ୍ତରେ ୨୦ ପ୍ରତିଶତ ବୃଦ୍ଧି ହୋଇଥିଲା । ଯାହା ମସ୍ତିଷ୍କର ତନ୍ତୁକୁ ନଷ୍ଟ କରିଥାଏ । ଏହା ମଧ୍ୟ ରକ୍ତ ଓ ମସ୍ତିଷ୍କ କାର୍ଯ୍ୟକାରିତାରେ ବାଧା ସୃଷ୍ଟି କରେ ।

କ'ଣ ଚା' ପିଇବା ଦ୍ୱାରା କଳା ପଡିଯାଏ ତ୍ୱଚାର ରଙ୍ଗ ! ଜାଣନ୍ତୁ ଏହା ବିଷୟରେ...

ଭାରତରେ ରହିଛନ୍ତି ଅନେକ ଚା' ପ୍ରେମୀ । ପ୍ରାୟ ଅନେକ ଲୋକଙ୍କର ସକାଳ ଚା' ପିଇବା ସହିତ ଆରମ୍ଭ ହୋଇଥାଏ । କିଛି ଲୋକ ତ ଗୋଟିଏ ଦିନରେ ୧୦-୨୦ କପ ଚା' ପିଇଥାନ୍ତି । କିନ୍ତୁ ଅଧିକ ଚା' ପିଇଲେ ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ । ଅନେକ ସମୟରେ ଶୁଣିଥିବେ ଚା' ପିଇବା ଦ୍ୱାରା ରଙ୍ଗ କଳା ପଡିଯାଏ । କିନ୍ତୁ ଏହି କଥାରେ କେତେ ରହିଛି ସତ୍ୟତା, ଜାଣନ୍ତି କି ? ଆସନ୍ତୁ ଜାଣିବା....

ସମସ୍ତେ ଜାଣିଥାନ୍ତି ସ୍ୱାସ୍ଥ୍ୟ ପାଇଁ ହାନିକାରକ ଅଟେ ଚା' । ପ୍ରାୟତଃ ଛୋଟ ପିଲାମାନେ ଚା' ପିଇବାକୁ ଜିଦି କରିଥାନ୍ତି । ସେମାନଙ୍କୁ ଭୟଭୀତ କରାଇବା ପାଇଁ ଏପରି କୁହାଯାଇଥାଏ । ତେବେ କିଛି ଲୋକ ଏହି ଗୁଜବକୁ ସତ ବୋଲି ମଧ୍ୟ ମାନି ନେଇଥାନ୍ତି । ବିଶେଷଜ୍ଞଙ୍କ ଅନୁଯାୟୀ, ଏପର୍ଯ୍ୟନ୍ତ କୌଣସି ସଠିକ୍ ପ୍ରମାଣ ମିଳିନାହିଁ ଯେ ଚା' ପିଇବା ଦ୍ୱାରା ଚର୍ମର ରଙ୍ଗ କଳା ପଡିଯାଏ । ଏହା କେବଳ ଆପଣଙ୍କ ଜୀବନଶୈଳୀ ଉପରେ ନିର୍ଭର କରେ । ଅନେକ କୁହନ୍ତି ଯେ ଚା' ପିଇବା ଆମ ଶରୀର ପାଇଁ ଉପକରୀ । ବ୍ଲାକ୍ ଟି, ଗ୍ରୀନ୍ ଟି, ୟେଲୋ ଟି ପିଇବା ଦ୍ୱାରା ଅନେକ ଲାଭ ମିଳିଥାଏ । ଏହା ପିଇବା ଦ୍ୱାରା ଆମ ଶରୀରରେ ଥିବା ଟକ୍ସିକ୍ ପଦାର୍ଥ ବାହାରିଯାଇଥାଏ ଓ ଏହା ଅନେକ ରୋଗରୁ ରକ୍ଷା କରିଥାଏ । ଚାରେ ଆଣ୍ଟିଅକ୍ସିଡାଣ୍ଟ ଥାଏ । ଯାହାକି ଆମ ଶରୀରରେ ଫ୍ରି ରେଡିକାଲର ପ୍ରଭାବକୁ ହ୍ରାସ କରିଥାଏ । ପ୍ରାୟତଃ ସମସ୍ତେ କ୍ଷୀର ଚା' ପିଇବାକୁ ପସନ୍ଦ କରନ୍ତି । ଯାହାକି ଶରୀର ପାଇଁ କ୍ଷତିକାରକ ଅଟେ । କ୍ଷୀର ଚା' ପିଇବା ଦ୍ୱାରା ଶରୀରରେ ହଜମ ଶକ୍ତି ହ୍ରାସ ପାଇଥାଏ । ଏହା ଦ୍ୱାରା କୋଷ୍ଠକାଠିନ୍ୟ ବଢିଥାଏ । ଏହା ସହ ଆପଣଙ୍କୁ ଡାଇବେଟିକ୍ ସମସ୍ୟା ମଧ୍ୟ ହୋଇପାରେ ।

ଏ ହେଉଛି ରାବଣଙ୍କ ଲଙ୍କା: ପାହାଡକୁ ଯିବାକୁ ଲାଗୁଥିଲା ଲିଫ୍ଟ



ରାବଣ । ନିଜର ଅହଂକାର, ଅତ୍ୟାଚାର ଏବଂ ଜ୍ଞାନ କାରଣରୁ ପୁରାଣ କାଳରୁ ପରିଚିତ । ସମସ୍ତେ ନିଶ୍ଚୟ ଶୁଣିଥିବେ ସୁନାର ଲଙ୍କା ବିଷୟରେ । କିନ୍ତୁ କେହି ଜାଣିନଥିବେ ବର୍ତ୍ତମାନ ସମୟରେ କେଉଁଠି ଏବଂ କିପରି ଅଛି ରାବଣର ସୁନାର ଲଙ୍କା । ଆସନ୍ତୁ ଦେଖିବା ଦଶାନନଙ୍କ ସୁନାର ଲଙ୍କା ବିଷୟରେ...

ନିକଟ ଅତୀତରେ ସାମ୍ନାକୁ ଆସିଥିଲା ସୁନାର ଲଙ୍କାର ଫଟୋ । ଯାହା ସମସ୍ତଙ୍କୁ ଚକିତ କରିଦେଇଛି । କୁହାଯାଏ କି ହଜାର ହଜାର ବର୍ଷ ପରେ ବି ଆଜି ବି ଏଠାରେ ରାବଣର ଶବ ରହିଛି । କୁହାଯାଏ ରାବଣଙ୍କ ଲଙ୍କା ବର୍ତ୍ତମାନର ଶ୍ରୀଲଙ୍କା । ଶ୍ରୀଲଙ୍କାର ସିଗିରୀୟ ନାମକ ଏକ ସ୍ଥାନ ରହିଛି । ଏଠାରେ ହିଁ ଦଶାନନଙ୍କ ରାଜ ମହଲ ସୁନା ଲଙ୍କା ରହିଛି ବୋଲି କୁହାଯାଉଛି । ଏ ଫଟୋରେ ଦେଖୁଥିବା ପାହାଡ଼ ଏବଂ ପାହାଡ଼ ଉପରେ ଥିବା ବିରାଟକାୟ ପଥର ହିଁ ଥିଲା ରାବଣର ରାଜମହଲ । ଶ୍ରୀଲଙ୍କା ଲୋକେ ଏହାକୁ ସୁନାର ଲଙ୍କା ବା ରାବଣଙ୍କ ରାଜମହଲ ବୋଲି କହିଥାନ୍ତି । ରାବଣ ନିଜର ପୁରା ପରିବାର ସହିତ ଏଠାରେ ରହୁଥିଲେ । ଦଶାନନଙ୍କ ବିନା ଅନୁମତିରେ ଏହି ସ୍ଥାନକୁ କେହି ବି ପ୍ରବେଶ କରିପାରିବେନି । କୁହାଯାଏ କି ରାବଣ ଅଧିକାଂଶ ସମୟ ଏହି ସ୍ଥାନରେ ହିଁ ବିତାଉଥିଲେ । ରାବଣଙ୍କ ରାଜ୍ୟ ଶ୍ରୀଲଙ୍କା ଅନେକ ଅଞ୍ଚଳ ପର୍ଯ୍ୟନ୍ତ ବ୍ୟାପିଥିଲା । ହେଲେ ରାବଣଙ୍କ ପ୍ରିୟ ସ୍ଥାନ ଥିଲା ଏହି ଅଞ୍ଚଳଟି ।

ଏମିତିକି ଏହି ରାଜମହଲକୁ କୁବେର ନିର୍ମାଣ କରିଥିଲେ ବୋଲି କଥା ରହିଛି ।ଆଜିକା ସମୟରେ ଶିଗିରୀୟର ଏହି ପାହାଡ଼ ଉପରେ ଏକ ରାଜମହଲର ଭଗ୍ନାବଶେଷ ରହିଛି । ଏପରିକି ଏଠାରେ ସ୍ନାନ କରିବା ପାଇଁ ପୋଖରୀ, ବୁଲିବା ପାଇଁ ବଡିଚା ରହିଛି । ଯାହାକୁ ଖାସ୍ ଭାବେ ରାଣୀଙ୍କ ପାଇଁ ନିର୍ମାଣ କରାଯାଇଥିଲା । ଏହି ବଗିଚାରେ ରାଣୀ ସକାଳେ ଓ ସନ୍ଧ୍ୟା ବେଳେ ଭ୍ରମଣ କରନ୍ତି ।

ସହରଠାରୁ ଦୂରରେ ଏବଂ ପାହାଡ଼ ଉପରେ ଏହି ମହଲ ଥିବାରୁ ଲୋକଙ୍କୁ ଏହି ସ୍ଥାନକୁ ଯିବାକୁ ବି କଷ୍ଟ ସାଧ ହେଉଥିଲା । ସେହିପରି ଏହି ମହଲକୁ ଚଢ଼ିବାକୁ ହେଲେ ପ୍ରାୟ ଏକ ହଜାର ସିଡି ଦେଇ ଯିବାକୁ ପଡିବ । ରାବଣ ଯୁଗରେ ଲିଫ୍ଟର ବ୍ୟବହର ହେଉଥିଲା ବୋଲି ଅନେକ ସ୍ଥାନରେ ବର୍ଣ୍ଣନା ରହିଛି ।

ଏହି ସ୍ଥାନରେ ପାଣିର ବ୍ୟବସ୍ଥା ପାଇଁ ମଧ୍ୟ ଡ୍ରେନେଜର ସୁବିଧା ମଧ୍ୟ ଥିଲା । ଏଠାରେ ଅନେକ ଗୁମ୍ଫା ମଧ୍ୟ ରହିଛି । ଯେଉଁ ଠାରେ ମାତା ସୀତାଙ୍କୁ ଅପହଣ ପରେ କିଛି ଦିନ ପାଇଁ ରଖା ଯାଇଥିଲା । ଯାହାର ବର୍ଣ୍ଣନା ପୁରାଣରେ ମଧ୍ୟ ରହିଛି । ଏବେ ବି ଏହି ସ୍ଥାନକୁ ବୁଲିବାକୁ ଗଲେ, କିଛି କିଛି ସ୍ଥାନରେ ଚିତ୍ର ରହିଛି । ଯାହାକି ରାମାୟଣ ସମୟର ବୋଲି କୁହାଯାଉଛି ।



ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ସଡ଼କ ଦୁର୍ଘଟଣା ଓ ଆଇନ୍...

ଜଣେ ପିଲାଟି ତା'ର ଅନ୍ୟ ସାଙ୍ଗମାନଙ୍କ ସହିତ ତା' ବାପାଙ୍କ ପୋର୍ସି ଗାଡ଼ି ଚଳାଇ ବିଳମ୍ବିତ ରାତିରେ ଫେରୁଥିବା ବେଳେ ମୋଟର ସାଇକେଲରେ ଯାଉଥିବା ଉପରୋକ୍ତ ଦୁଇ ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲା, ଯାହାର ପରିଣତିରେ ସେମାନେ ପ୍ରାଣ ହରାଇଛନ୍ତି। ଆଉ ଏଇ ଘଟଣା ସମ୍ପ୍ରତି ଭାରତୀୟମାନଙ୍କ ଦୃଷ୍ଟି ଆକର୍ଷଣ କରିଛି, ମୁଖ୍ୟତଃ ସେହି ପିଲାଟିକୁ ସଡ଼କ ସୁରକ୍ଷା ଉପରେ ୩୦୦ ଶବ୍ଦରେ ଏକ ପ୍ରବନ୍ଧ ଲେଖିବାକୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ବା ବାଳ ଅପରାଧ ନ୍ୟାୟିକ ବୋର୍ଡ କହିବା ପରେ ଖଲାସ କରି ଦେଇଥିବା ଯୋଗୁଁ । ତେବେ ଘଟଣାର ଏତିକିରେ ପରିସମାପ୍ତି ଘଟିନାହିଁ । ସାଧାରଣ ଜନତାଙ୍କ ପକ୍ଷରୁ ଏହା ବିରୁଦ୍ଧରେ ପ୍ରବଳ ପ୍ରତିବାଦ ହେବା ପରେ ପରବର୍ତ୍ତୀ ସମୟରେ ପୁଲିସ ବୋର୍ଡଙ୍କୁ ତାଙ୍କ ଆଦେଶର ପୁଣିଥରେ ସମୀକ୍ଷା କରିବାକୁ ଅନୁରୋଧ କରିଥିଲା, ଯାହା ବୋର୍ଡ କରିଥିଲେ ଏବଂ ସେହି ପିଲାର ଜାମିନ ଖାରଜ କରି ତାକୁ ସୁଧାର ଗୃହକୁ ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ପଠାଇ ଦେଇଛନ୍ତି । ତେବେ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାମାନେ ଏହି ମାମଲାର ତଦନ୍ତ ଏବଂ ଦଣ୍ଡ ବିଧାନ କରିବା ବେଳେ କଠୋର ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ରିପୋର୍ଟ ଅନୁସାରେ, ଦୁର୍ଘଟଣା ଘଟାଇ ଥିବା ନାବାଳକ ଜଣକ ପ୍ରତି ଜୀବନର ନିରାପତ୍ତାକୁ ବିପଦଗ୍ରସ୍ତ କରିଥିବା ତଥା ମୋଟର ଯାନ ଆଇନର ବ୍ୟବସ୍ଥାଗୁଡ଼ିକୁ ମାନିବାରେ ଅବହେଳା କରି ମୃତ୍ୟୁର କାରଣ ପାଲଟି ଥିବାରୁ ଭାରତୀୟ ଦଣ୍ଡବିଧି ସଂହିତା (ଆଇପିସି)ର ଧାରାଗୁଡ଼ିକ ଲାଗୁ କରାଯାଇଛି । ଅନ୍ୟ ପକ୍ଷରେ, ଏହି ପିଲାଟିର ବାପାଙ୍କୁ ଜୁଭେନାଇଲ ଜଷ୍ଟିସ୍ ଆକ୍ଟର ପ୍ରଯୁଜ୍ୟ ଆଇନଗୁଡ଼ିକ ବଳରେ ଗିରଫ କରାଯାଇଛି । ପୁଲିସ ନାବାଳକଟିକୁ ପ୍ରାପ୍ତବୟସ୍କଙ୍କ ପ୍ରତି ଲାଗୁ କରାଯାଉଥିବା ଦଣ୍ଡ ଦେବାକୁ ଅନୁରୋଧ କରିଛି, କିନ୍ତୁ କ୍ୱଚିତ୍ ଏପରି ହେବାର ସମ୍ଭାବନା ରହିଛି। ଗୋଟିଏ ପକ୍ଷରେ ନାବାଳକ ପ୍ରତି ବାଳ ଅପରାଧ ଆଇନ ଲାଗୁ କରାଯିବା ଯଥାର୍ଥ ହୋଇଥିବା ବେଳେ ତା'ର ବାପାଙ୍କୁ ସେହି ଆଇନ ଅନୁସାରେ ଗିରଫ କରାଯିବା– ଯିଏକି ଜଣେ ଅଭିଭାବକ ଓ ନାଗରିକ ଭାବରେ ତାଙ୍କର କର୍ତ୍ତବ୍ୟ ନିର୍ବାହ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି- ଆଇନକୁ ପରିହାସ କରିବା ଭଳି ହେବ । ତାଙ୍କ ବିରୋଧରେ ବାଳ ଅପରାଧ ଆଇନର ଯେଉଁସବୁ ଦଫା ଲଗା ଯାଇଛି, ସେସବୁ ଦଫା ଅନୁସାରେ ଆଇନ ତାଙ୍କ ଉପରେ କିଛି ଜୋରିମାନା ଧାର୍ଯ୍ୟ କରିବାର ସମ୍ଭାବନା ରହିଛି, ଯାହାକୁ ପୈଠ କରିବା ପରେ ସେ ଖଲାସ ହୋଇଯିବେ । ବାଳ ଅପରାଧୀଙ୍କ ଭଳି ଅସୁରକ୍ଷିତ ଲୋକମାନଙ୍କ ନିମନ୍ତେ ପ୍ରଣୟନ କରାଯାଇଥିବା ବିଶେଷ ଆଇନଗୁଡ଼ିକ ହେଉଛି ଏଯାବତ୍ ସାମାଜିକ ସଂରଚନାକୁ ବୁଝିବା କ୍ଷେତ୍ରରେ ମାନବ ଜାତି ଅତିକ୍ରମ କରିଥିବା ଦୂରତା ତଥା ନ୍ୟାୟ ପ୍ରଦାନ ସମ୍ପର୍କିତ ଅବଧାରଣାର ବିବର୍ତ୍ତନର ଏକ ସୂଚକ । ଏହି ଘଟଣା ମଧ୍ୟ ପ୍ରଶାସନିକ କର୍ତ୍ତୃପକ୍ଷ ଏବଂ ସାଧାରଣ ଜନତାଙ୍କୁ କାହିଁକି ଲୋକମାନେ ସଡ଼କରେ ପ୍ରାଣ ହରାଉଛନ୍ତି, ତା'ର କାରଣଗୁଡ଼ିକ ଉପରେ ଚିନ୍ତା କରିବାକୁ ବାଧ କରିବା ଉଚିତ। ୨୦୨୨, ଯାହା ଅଦ୍ୟତନ ବର୍ଷ ଭାବରେ ସଡ଼କ ଦୁର୍ଘଟଣା ଉପରେ ସରକାରୀ ଭାବରେ ତଥ୍ୟକୁ ଉପଲବ୍ଧ କରାଇ ଥାଏ, ତା' ଅନୁସାରେ ଏହି ବର୍ଷରେ ଘଟିଥିବା ମୋଟ ୪,୬୧,୩୧୨ ସଡ଼କ ଦୁର୍ଘଟଣାରେ ୧,୬୮,୪୯୧ ଜଣ ଲୋକ ପ୍ରାଣ ହରାଇ ଥିବା ବେଳେ ୩,୪୩,୩୬୬ ଲୋକ ଆହତ ହୋଇଥିଲେ। ଏହାର ପୂର୍ବ ବର୍ଷ ତୁଳନାରେ ଏହି ସଂଖ୍ୟାଗୁଡ଼ିକ ଦୁର୍ଘଟଣା ପାଇଁ ୧୧.୯ ପ୍ରତିଶତ, ଦୁର୍ଘଟଣାଜନିତ ପ୍ରାଣହାନି ପାଇଁ ୯.୪ ପ୍ରତିଶତ ଏବଂ ଆହତ ପାଇଁ ୧୫.୩ ପ୍ରତିଶତ ଅଧିକ ଥିଲା । ଏକଥା ଅଗ୍ରହଣୀୟ ଯେ ହାରାହାରି ୪୬୧ ଜଣ ଲୋକ, ଯେଉଁମାନେ ସେମାନଙ୍କର ଦୈନନ୍ଦିନର ଆହାର ମୁଠାଏ ଯୋଗାଡ଼ କରିବା ନିମନ୍ତେ କାମଧନ୍ଦା ଅନ୍ୱେଷଣରେ ସଡ଼କରେ ଯାତ୍ରା କରିଥାନ୍ତି, ସେମାନେ ଘରକୁ ଫେରି ନଥାନ୍ତି । ଦୁର୍ଘଟଣା ଓ ମୃତ୍ୟୁର ଏଭଳି ଅଗ୍ରହଣୀୟ ସଂଖ୍ୟା ପଛର କାରଣ ଜାଣିବା ନିମନ୍ତେ ତଥା ଏହାର ନିରାକରଣ କରିବା ପାଇଁ ସରକାରଙ୍କର ଏକ ନିର୍ଦ୍ଦିଷ୍ଟ ଧାର୍ଯ୍ୟ ଲକ୍ଷ୍ୟକୁ ହାସଲ କରିବା ଢଙ୍ଗରେ କାମ କରିବାର ଜରୁରୀ ଆବଶ୍ୟକତା ରହିଛି । ଆଇନ ନିର୍ମାତାମାନେ ସମ୍ପ୍ରତି ଏହି ପରିସ୍ଥିତି ପ୍ରତି ସେମାନଙ୍କର ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି, ଯେଉଁଠି ଜଣେ ବୟଃପ୍ରାପ୍ତି ଅଭିମୁଖେ ଗତି କରୁଥିବା ବାଳକ, ଯାହାର କର୍ତ୍ତବ୍ୟରେ ବିଚ୍ୟୁତି ଦୁଇଜଣ ନିରୀହ ବ୍ୟକ୍ତିଙ୍କର ପ୍ରାଣହାନିର କାରଣ ପାଲଟିଛି, ସେ ହୁଏତ ବିଶେଷ ଆଇନର ଫାଇଦା ପାଇଯାଇପାରେ, ଏବଂ ଏହାକୁ ବନ୍ଦ କରିବା ନିମନ୍ତେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ।

ବୁଝିବାକୁ ଚେଷ୍ଟା କର...

ରାମଚନ୍ଦ୍ର ବେହେରା

ଦିନର ଆଲୁଅରେ
ମୋ ସହିତ କଥା ହେବାକୁ
ପ୍ରୟାସ କରନି
ନିଶି ଅନ୍ଧକାରେ
ଆମ ଘର ଦେଇ
ଯା'ଆସ କରନି
ମୋବାଇଲ୍ ରେ,ମେସେଜ୍ କରନି
ବୋଉର ଦୃଷ୍ଟି ପଡିଗଲେ
ଉତ୍ତର ଦେବା ପାଇଁ
ମୋ ମୁହେଁ ଶବ୍ଦ ମିଳିବନି..।
ଦାଣ୍ଡରେ ଗଲାବେଳେ
ବିନା କାରଣରେ
ବାଇକ୍‌ର ବେଲ୍ ବି ମାରନି
ସନ୍ଦେହୀ ସନ୍ଦେହ କରିବେ
ଟୁପ୍ ଟାପ୍ ବଢିଯିବ କଥା
ବଦନାମ ହେବ ଆମ
ସୀମିତ ସମ୍ପର୍କ
ସାହିରେ ବିଛାଡି ପଡିବ
ଆମରି ଗୁପତ କାହାଣୀ
ସମ୍ପର୍କ ଅପାର ଅନନ୍ତ
ତା ପାଶେ ଦିନରାତି ସମାନ
ଆଲୁଅ ଅନ୍ଧାରକୁ
ବିଶ୍ୱାସ କରନି
ବୁଝିବାକୁ ଚେଷ୍ଟା କର
ଅପେକ୍ଷା କର ସେଇ ମୁହୂର୍ତ୍ତକୁ
ଯେଉଁଦିନ ତୁମ ସଫଳତା
ମହକି ଉଠିବ ସାରା ରାଇଜରେ
ମୋ ବାପା ବୋଉଂକ
ନିଘା ଯିବ,ତୁମ ଅଗଣାକୁ..।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

ପରିବେଶ, ପ୍ରକୃତି ଓ ପରିସଂସ୍ଥା

ଡି ଶୁଭମ୍

ପ୍ରକୃତିର ଶୋଭାରେ ପ୍ରଲୁବ୍ଧ ମଣିଷ ଏବେ ସ୍ୱାର୍ଥ ସର୍ବସ୍ୱ ନିଶାରେ ମସଗୁଲ। ପ୍ରକୃତି ସହ ମଣିଷର ସମ୍ପର୍କ ନିବିଡ଼। ଦିନ ଥିଲା ପ୍ରକୃତିର ନିନାଦିତ ସ୍ୱର ମଣିଷର ହୃଦୟକନ୍ଦରରେ ବଜାଉଥିଲା ନିର୍ମଳତାର ବୀଣାତନ୍ତ୍ର। ଆମ ପରିବେଶ, ଆମ ଜୀବନ ଥିଲା ସମସ୍ତଙ୍କର ଧ୍ୟେୟ ବାକ୍ୟ। ପରନ୍ତୁ ଏକବିଂଶ ଶତାବ୍ଦୀର ଶିଳ୍ପ ଭିତ୍ତିକ ସଭ୍ୟତା ପରିବେଶରେ ଆଣିଲା ନାହିଁ ନଥିବା ପରିବର୍ତ୍ତନ। ଚାଷଜମିରେ ସୃଷ୍ଟି ହେଲା ଶିଳ୍ପ ସଭ୍ୟତା। କ୍ଷଣିକ ମଧ୍ୟରେ ପ୍ରକୃତିର ସରସ ସନ୍ଦର ରୂପକୁ ଜଳାଂଜଳି ଦେଇଦେଲା ଏ ମାନବ ସମାଜ। ନିଜ ବ୍ୟକ୍ତିଗତ ସ୍ୱାର୍ଥର ଚରିତାର୍ଥ ପାଇଁ ପରିବେଶରେ ଭରିଦେଲା ପ୍ରଦୂଷଣର କଳାବାଦଲ। ଯେଉଁ ପରିବେଶ ପାଇଁ ମଣିଷ ଦିନେ ଆତ୍ମହରା ହୋଇଉଠୁଥିଲା, ଆଜି ନିଜ ଅଜ୍ଞାତସାରରେ କରିବସୁଛି ଅନେକ କ୍ଷତି। ଶ୍ୟାମଳ ଜମିରେ ଯେଉଁଠାରେ ସୁବର୍ଣ୍ଣର ମାହୋଲ ଜମୁଥିଲା, ଆଜି ସେଠି ଯନ୍ତ୍ର ସଭ୍ୟତାର ମୂଳଦୁଆ ପଡୁଛି। ପରିବେଶର ପାରିପାର୍ଶ୍ୱିକ ସ୍ଥିତି ଏବେ ସଂଜ୍ଞାହୀନ ବେହାକୁ ବସିଲାଣି। ପ୍ରକୃତିକୁ ନେଇ ଏ ସମାଜ। ପ୍ରକୃତିର କରାଳ ରୂପକୁ ମାନବ ମୁହୂର୍ତ୍ତକ ପାଇଁ ମଧ୍ୟ ସହ୍ୟ କରିବା କଷ୍ଟକର ହୋଇପଡ଼େ। ଆଜି ଜୀବନ ଜୀଇଁବାର ପ୍ରତ୍ୟେକଟି ସୋପାନରେ କେବଳ ପ୍ରଦୂଷଣର ବିଷ ଘୁରିବୁଲୁଛି। ତେବେ ଏସବୁଥିର ସମାଧାନ ମଣିଷ ଚାହିଁଲେ କରିପାରିବ। ସେ ହିଁ ସୃଷ୍ଟି କରିପାରିବ ପୁଣି ଥରେ ସବୁଜ ବନାନୀ। ପୁଣି ଥରେ ଗଢ଼ି ଉଠିବ ସବୁଜମୟର ବାତାବରଣ। ପରିବେଶ ହେବ ସୌନ୍ଦର୍ଯ୍ୟମୟ, ନବୀନ ମନ୍ତ୍ରର ବାଣୀରେ ପୁଣିଥରେ ପ୍ରକମ୍ପିତ ହେବ ମାନବସମାଜ। ପରିବେଶ ସୁରକ୍ଷାର ବାର୍ତ୍ତା ନେଇ ଆମକୁ ସଚେତନ ହେବାକୁ ପଡ଼ିବ। ବିଶ୍ୱକୁ ସୁରଭିତ ଭାବେ ଗଢ଼ି ତୋଳିବାକୁ ସଂକଳ୍ପ ନେବାକୁ ହେବ। ପ୍ରତିବର୍ଷ ଜୁନ ମାସ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରାଯାଏ। ତେବେ ଦିବସ ପାଳନ ନୁହେଁ ବରଂ ପ୍ରତିଟି ଦିନ ଆମେ ପରିବେଶର ସୁରକ୍ଷା ପ୍ରତି ଯତ୍ନବାନ ହେବା ଜରୁରୀ। ତାହେଲେ ଯାଇ ଆମେ ବଂଚିବାର ପ୍ରକୃତ ରାହା ଖୋଜି ପାଇପାରିବା। ଯନ୍ତ୍ର ମାୟାରେ ପ୍ରଲୁବ୍ଧ ନହୋଇ ପ୍ରକୃତିର ପୂଜକ ସାଜିବା।

ମଣିଷ ନିଜର ଇପ୍ସିତ ଆଶାକୁ ପୂରଣ କରିବା ପାଇଁ ସବୁକିଛିକୁ ବଳି ଦେବାର ଉଦାହରଣ ସର୍ବତ୍ର ଦେଖିବାକୁ ମିଳେ। କାରଣ ମଣିଷ ଲୋଭର ବଶବର୍ତ୍ତୀ। ନିଜର ଲାଳସା ଉପରେ ମଣିଷର ଅକ୍ତଆର ନାହିଁ। ବିଜ୍ଞାନର ବଳରେ ବଳୀୟାନ ଏହି ମାନବ ସମାଜ ଏବେ କ୍ଷଣିକ ସମୟରେ ସୃଷ୍ଟି କରିପାରୁଛି ପ୍ରଦୂଷଣର ବିଷମଂଜି। ଯେଉଁ ପରିବେଶ ଦିନେ ଶସ୍ୟଶ୍ୟାମଳା ଥିଲା ଆଜି ସେଠି କାରଖାନାର ମଂଚ। କେଉଁଠି ଚିନି କାରଖାନା ତ କେଉଁଠି ବଡ଼ ବଡ଼ ମିଲ୍। ବିକାଶଶୀଳ ଦେଶ ମାନଙ୍କରେ ତ ଏମାନଙ୍କ ସଂଖ୍ୟା ଖୁବ ଅଧିକ। ବିଭିନ୍ନ ବଡ଼ ବଡ଼ କଳକାରଖାନା ତଥା ଦୃତ ଶିଳ୍ପାୟନର ପ୍ରଭାବ ଯୋଗୁଁ ବାୟୁରେ ଅମ୍ଳଜାନର ପରିମାଣ କମିବାରେ ଲାଗିଛି। । କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି କରିବା ପାଇଁ ମଣିଷ ବ୍ୟବହାର କରୁଛି ବିଭିନ୍ନ ରାସାୟନିକ ବିଷ। ଏହା ଯୋଗୁଁ ବାୟୁମଣ୍ଡଳ ନଷ୍ଟ ହେବା ସହ ରାସାୟନିକ ସାରର ପ୍ରୟୋଗରେ ମୃତ୍ତିକାର ଉର୍ବରତା ବି ନଷ୍ଟ ହେଉଛି। ବିବେକହୀନ ମଣିଷ ପାଇଁ ଆଜି ଧ୍ୱଂସ ହେଉଛି ପୃଥିବୀ। ପରିବେଶର ମାନର ହ୍ରାସ ଘଟୁଛି । ବିଭିନ୍ନ ପୂଜାପର୍ବରେ ଡ଼ାକବାଜି ଯନ୍ତ୍ରର ଚାହିଦା ଯୋଗୁଁ ଅନେକ ଶବ୍ଦ ପ୍ରଦୂଷଣ ବି ହେଉଛି। ସୁତାରଂ ବର୍ତ୍ତମାନ ସମୟରେ ପରିବେଶରେ ବୃଦ୍ଧି ପାଇଛି ପ୍ରଦୂଷଣର ଚିତ୍ର।

ଜଳଭାଗ ଓ ସ୍ଥଳଭାଗରେ ବିଭିନ୍ନ ପ୍ରକାର ସଜୀବ ମାନେ ବାସ କରନ୍ତି। କୀଟ, ପତଙ୍ଗ, ଗଛ, ଗାଈଗୋରୁ ପ୍ରମୁଖ ସ୍ଥଳ ଭାଗରେ ଥିବା ସମୟରେ ମାଛ, ଜଳଜ ଉଦ୍ଭିଦପରି କେତେକ ମୁଖ୍ୟତଃ ଜଳ ଭାଗରେ ବସବାସ କରନ୍ତି। ଏହି ସ୍ଥଳ ଭାଗରେ ଥିବା ଜୈବସନ୍ତୁଳନ ମୁଖ୍ୟତଃ ଜଙ୍ଗଲ ପୋଡି, ଗାଈଗୋରୁ ମାନଙ୍କ ଅତ୍ୟଧିକ ଚ଼ରାଚ଼ର ପ୍ରବୃତ୍ତି, ଜଙ୍ଗଲ କ୍ଷୟ ପ୍ରଭୃତି ଯୋଗୁଁ ନଷ୍ଟ ହେବାରେ ଲାଗିଛି।

ଏଥିସହ ଦ୍ୱିତୀୟତଃ ବନ୍ୟପ୍ରାଣୀ ମାନେ ନିଜ ବାସସ୍ଥଳୀ ହରାଇବା ସହିତ ବାସହରା ହୋଇଯାଇଛନ୍ତି। ଏହାର ପ୍ରମୁଖ କାରଣ ଭିତରେ ମୁଖ୍ୟତଃ ଲୋକମାନେ ନିଜର ଆବଶ୍ୟକତାକୁ ଚ଼ରିତାର୍ଥ କରିବା ନିମନ୍ତେ କଳକାରଖାନା ଓ ଜନବସତି ସ୍ଥାପନ କରୁଛନ୍ତି। ଏଥିସହ କୃଷିକାର୍ଯ୍ୟ ସମ୍ପାଦନ ସହିତ ଜଙ୍ଗଲ

କାଟିବା ଫଳରେ ବନ୍ୟପ୍ରାଣୀମାନେ ବାସହରା ହୋଇଯାଛନ୍ତି। ବନ୍ୟପ୍ରାଣୀ ମାନେ ଏହି ଲୋଭପିପାସୁ ମଣିଷ ମାନଙ୍କ ପାଇଁ ବିଲୁପ୍ତ ହେବାରେ ଲାଗିଛନ୍ତି। ତୃତୀୟତଃ ପରିବେଶ ସନ୍ତୁଳନ ଆଜି ନଷ୍ଟ ପ୍ରାୟ। ନା ଅଛି ପଶୁପକ୍ଷୀ ମାନଙ୍କ ପାଇଁ ବାସସ୍ଥାନ, ନା ଅଛି ଜୈବ ସନ୍ତୁଳନ ସହରୀକରଣ ଏହାର ପ୍ରମୁଖ କାରଣ। ଚ଼ତୁର୍ଥରେ ମଣିଷ ଆଜି ନିଜର ସ୍ୱାର୍ଥ ଏବଂ ଆଶାକୁ ନୂତନ ରୂପ ଦେବାକୁ ଯାଇ ବନ୍ୟପ୍ରାଣୀଙ୍କ ବାସସ୍ଥାନକୁ କ୍ଷୟକରି ସେଠାରେ ଚ଼ାଷବାସ ଆରମ୍ଭ କରିଦେଲେଣି।

ତେବେ ଆଜି ଏହା ପ୍ରଶ୍ନବାଚ଼ୀ ସୃଷ୍ଟି କରିଛି ଯେ ଯେଉଁମାନେ ଜୈବ ବିବିଧତା ନଷ୍ଟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି, ସେମାନେ କଣ ଏହାକୁ ସୁରକ୍ଷା ଦେବାରେ ସମ୍ଭବ ହୋଇପାରିବେ ? ତେବେ ଦିବସ ପାଳନ କେବଳ ପାଳିତ ହୋଇ ସ୍ଲୋଗାନ ବାଜିରେ ନସରି ଏହାର ଗୁରୁତ୍ୱକୁ ସମସ୍ତେ ଉପଲବ୍ଧି କରିବା ଆବଶ୍ୟକ। ପ୍ରାଚ଼ୀନ କାଳରେ ବୁଦ୍ଧ ମଧ୍ୟ ଏଥିପାଇଁ ସଚେତନ କରିଥିବା ସହିତ ଏବେ ବିଭିନ୍ନ ଚ଼ଳଚ଼ିତ୍ରରେ ଏହାକୁ ପ୍ରଦର୍ଶନ କରାଯାଇଛି ।

ପରିବେଶ ବିବିଧତାକୁ ସଂରକ୍ଷଣ କରିବା ଏବେ ଆମର ପ୍ରଧାନ କର୍ତ୍ତବ୍ୟ। ଉଦ୍ଭିଦ ଏବଂ ପ୍ରାଣୀମାନଙ୍କର ଜେନେଟିକ ବିବିଧତା ସଂରକ୍ଷଣ ମଧ୍ୟ ଅନିବାର୍ଯ୍ୟ ଅଟେ। ଏହା ପୃଥିବୀରେ ଜୀବନ ସହାୟତା ପ୍ରଣାଳୀର ସ୍ଥାୟୀ ଉପଯୋଗକୁ ସୁନିଶ୍ଚିତ କରିବାରେ ଅଶେଷ ସହାୟକ ହେବ। ପ୍ରାକୃତିକ ସମ୍ପଦର ସଂରକ୍ଷଣ, ଆମର ସମୃଦ୍ଧ ପରିବେଶର ଜୈବବିବିଧତାର ସୁରକ୍ଷା ଏବଂ ଆମର ଆବଶ୍ୟକତାକୁ କମ୍ କରିବାର ଏହି ବିଶ୍ୱ ପରିବେଶ ଦିବସରେ ଏକ ପ୍ରତିଶ୍ରୁତି ନେବା, ଯାହା ଆଗାମୀଦିନରେ କୃଷିର ନିରନ୍ତର ଅଭିବୃଦ୍ଧି ତଥା ଜୈବ ବିବିଧତାର ପୁନର୍ଗଠନ ହିଁ ବିକାଶ ପାଇଁ ଫଳପ୍ରଦହେବ।

ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ
ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର
ମୋ-୯୪୩୮୪୬୭୦୭୯

ବୃକ୍ଷ ରୋପଣ ଓ ପରିବେଶ

ଅଲେଖ ଚନ୍ଦ୍ର ସାମଲ

ବିଶ୍ୱ ପରିବେଶ ଦିବସ ଏକ ଅଭିଯାନ ଅଟେ। ସାରା ବିଶ୍ୱରେ ପରିବେଶର ନକରାତ୍ମକ ପ୍ରଭାବକୁ ରୋକିବା ଓ ପରିବେଶ ସୁରକ୍ଷା ପାଇଁ ଲୋକଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁନ୍ ୫ ତାରିଖରେ ଏହା ପାଳନ କରାଯାଏ। ଏହି ଦିବସ ପାଳନ ସଂଯୁକ୍ତ ରାଷ୍ଟ୍ର ସଂଘର ପରିବେଶ କାର୍ଯ୍ୟକ୍ରମ ଅନ୍ତର୍ଗତ। ଏହିଦିନ ମାନବୀୟ ପରିବେଶକୁ ନେଇ ସଂଯୁକ୍ତ ରାଷ୍ଟ୍ର ସଂଘର ପ୍ରଥମ ବୈଠକ ୧୯୭୨ ମସିହାରେ ବସିଥିଲା। ଏଥିରେ ପ୍ରତିବର୍ଷ ବିଶ୍ୱ ପରିବେଶ ଦିବସର କେନ୍ଦ୍ର ବଦଳାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ସେବେଠାରୁ ପ୍ରତିବର୍ଷ ଅଲଗା ଅଲଗା ଦେଶରେ ଏହି ଦିବସ ପାଳିତ ହୋଇ ଆସୁଛି।

ଧରିତ୍ରୀ ସର୍ବଂସହା। ବର୍ତ୍ତମାନ ସମୟରେ ଧରିତ୍ରୀ ପାଇଁ ସୃଷ୍ଟି ହୋଇଛି ବିପଦ। ଜଳବାୟୁରେ ବାରମ୍ବାର ପରିବର୍ତ୍ତନ ଘଟିବା ଫଳରେ ସୃଷ୍ଟି ହେଉଛି ବିପର୍ଯ୍ୟୟ। କେତେବେଳେ ପ୍ରବଳ ବର୍ଷା ଯୋଗୁ ବନ୍ୟା ସୃଷ୍ଟି ହେଉଛି ତ ଆଉ କେତେବେଳେ ବିନା ବର୍ଷାରେ ମରୁଡ଼ି ଦେଖାଦେଉଛି। ଦାନା ମୁଠାଏ ପାଇଁ ଲୋକଙ୍କୁ ଡହଳ ବିକଳ ହେବାକୁ ପଡୁଛି। ରାଜ୍ୟ ତଥା ଦେଶ ବିକାଶରେ ପ୍ରତିବନ୍ଧକ ସାଜିଛି ଜଳବାୟୁ ପରିବର୍ତ୍ତନ। କିପରି ରୋକାଯାଇପାରିବ ଏଭଳି ସମସ୍ୟା। କ'ଣ ନିଆଯିବ ପଦକ୍ଷେପ ତାହାକୁ ନେଇ ବିଶେଷଜ୍ଞମାନେ ଆରମ୍ଭ କରିଦେଇଛନ୍ତି ଅବଗଣନା। । ଲୋକଙ୍କୁ ସଚେତନ କରାଇବା ସହ ଆସନ୍ତା ୧୦ବର୍ଷ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ରୋକିବା ଲାଗି ଆଗେଇ ଆସିବାକୁ ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି। ସମୟର ପରିବର୍ତ୍ତନ ସହ ତାଳ ଦେଇ ବଦଳିଚାଲିଛି ସବୁକିଛି। କଟାଚାଲିଛି ବୃକ୍ଷ, ସୃଷ୍ଟି ହେଉଛି କଂକ୍ରିଟ ଜଙ୍ଗଲ। ପ୍ରତିଦିନ ରାଜ୍ୟର କୋଣେ ଅନୁକୋଣରେ ଯେତିକି ଗଛ କଟାଯାଉଛି ସେହି ଅନୁଯାୟୀ ଲଗାଯାଉନି। ବୃକ୍ଷର ସ୍ଥିତି ଏଭଳି ରହିଥିବାବେଳେ ପରିବେଶ ହେଉଛି ପ୍ରଦୂଷଣ, ଯାହାର ପ୍ରଭାବ ସିଧାସଳଖ ଜଳବାୟୁ ଉପରେ ପଡୁଛି। ଯେଉଁଥି ପାଇଁ ଗ୍ରୀଷ୍ମ ଦିନେ ପ୍ରବଳ ବର୍ଷା ହେଉଛି ତ ଆଉ କେତେବେଳେ ବର୍ଷା ଦିନେ ବର୍ଷାର ଦେଖାମିଳୁନି।

ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ୨୦୧୦ ମସିହାରୁ ୨୦୨୩ ମଧ୍ୟରେ ବର୍ଦ୍ଧିତ ସବୁଜ ବଳୟ, ସବୁଜ ମହାନଦୀ ମିଶନ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ, ଆମ ଜଙ୍ଗଲ ଯୋଜନା, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ ନିଯୁକ୍ତି ଯୋଜନା, କାମ୍ପା, ଜାତୀୟ ବନୀକରଣ ଯୋଜନା, ସବୁଜ ଭାରତ ମିଶନ, ଓଡ଼ିଶା ଖଣି ନିଗମ, ମହାନଦୀ କୋଇଲା ନିଗମ, ଜିଲ୍ଲା ଖଣିଜ ପାଣ୍ଠି ଇତ୍ୟାଦି ୩୫ଟି କାର୍ଯ୍ୟକ୍ରମ ବା ଯୋଜନାରେ ବୃକ୍ଷରୋପଣ କରାଯାଇଛି। ଶହେ କି ପାଞ୍ଚଶହ କୋଟି ନୁହେଁ, ଏହି ବର୍ଷ ମାନଙ୍କରେ ୨ ହଜାର ୧୩୧ କୋଟି ୫୩ ଲକ୍ଷ ୮୨ ହଜାର ଟଙ୍କା ବିନିଯୋଗ ହୋଇ ୯ଲକ୍ଷ ୩୩ ହଜାର ୫୮୩ ହେକ୍ଟର ଜମି ନୂଆ ଜଙ୍ଗଲ ସୃଷ୍ଟି କରାଯାଇଛି। ତେବେ ଏ ସବୁ ସତ୍ତ୍ୱେ ବ୍ୟାପକ ସହରୀକରଣ ଏବଂ ଗଛକଟା ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଓଡ଼ିଶାରେ ବଡ଼ ପ୍ରଭାବ ପକାଇବା ଆରମ୍ଭ କଲାଣି। ଯେଉଁ ଭୟାନକ ଚିତ୍ରଟି ସାମ୍ନାକୁ ଆସୁଛି ତାହା ହେଲା, ରାଜ୍ୟର ପାଣିପାଗ ଓ ଋତୁଚକ୍ର ପୁରାପୁରି ବିଗିଡି ଗଲାଣି। ନିକଟରେ ତତଲାଗଡ଼ର ମାନ୍ୟତା ପାଇଥିବା ବଲାଙ୍ଗୀର ଟିଟିଲାଗଡ଼ର ତାତିଠାରୁ ବଳିଗଲା ବୌଦ୍ଧ ଓ ସୋନପୁର ଜିଲ୍ଲାର ଉତ୍ତାପ। ଅନ୍ୟ ସମସ୍ତ ଜିଲ୍

ସ୍ତନ୍ୟପାନ ଓ ମା'ର ସୌନ୍ଦର୍ଯ୍ୟ



ଶିଶୁଜନ୍ମ ପରେ ପରେ ମା' ସ୍ତନରେ ଏକ ଅମୃତର ପ୍ରକୃତି ଖଞ୍ଜି ଦେଇଛି, ଯାହା ଶିଶୁକୁ ବଂଚିବାର ସମସ୍ତ ଉପାଦାନ ଯୋଗାଇ ଦେଇଥାଏ ଏବଂ ଶିଶୁର ଶାରୀରିକ ତଥା ମାନସିକ ବର୍ଦ୍ଧନ ପାଇଁ ସମସ୍ତ ପ୍ରକାର ପୋଷଣ ଦେହରେ ପହଂଚାଇଥାଏ। ଏଥିସହିତ ମା' ଠାର ସ୍ତନ୍ୟ ପାନ ଉଭୟ ମା' ଓ ଶିଶୁଙ୍କୁ ବହୁ ରୋଗଠାରୁ ମଧ୍ୟ ଦୂରେଇ ରଖିବାରେ ସହାୟକ ହୋଇଥାଏ।

ମାତୃତ୍ୱ ନାରୀଟିକୁ ଏକ ସୁକୋମଳ ଲାଳିତ୍ୟରେ ସୌନ୍ଦର୍ଯ୍ୟମୟୀ କରିଦିଏ। ଗର୍ଭଧାରଣ କରିବା ମାତ୍ରେ ଅପୂର୍ବ ତେଜ ଓ ଲାବଣ୍ୟରେ ତା'ର ଅଙ୍ଗପ୍ରତ୍ୟଙ୍ଗ ଉଜ୍ଜ୍ୱଳ ହୋଇଯାଏ ଏବଂ କିଛି ମାସ ଭିତରେ ନାରୀର ଆବରଣ ଖୋଲି ପ୍ରଜାପତି ଭଳି ମା'ଟିଏ ଏ ଧରାରେ ଜନ୍ମ ନେଇଥାଏ। ତେବେ ମୁହଁର ଏ ଉଜ୍ଜ୍ୱଳତା, ଚର୍ମର ଓ ଚିକ୍କଣତା ତଥା ଦେହର ଏ ଅଖଣ୍ଡ ଲାବଣ୍ୟର ରହସ୍ୟ କ'ଣ? କେଉଁଠୁ ଆରମ୍ଭ ହୁଏ ଏ ଅଖଣ୍ଡ ଆଭାର ଉତ୍ସ? ଏହା ହେଉଛି ଗର୍ଭାବସ୍ଥାରେ ଝରୁଥିବା ହରମୋନ ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟେରେନର କରାମତି।

ମା' ସ୍ତନରୁ ଝରୁଥିବା ବହଳିଆ କଷ କ୍ଷୀର

ଶିଶୁ ପାଇଁ ପ୍ରଥମ ପ୍ରତିଷେଧକ ଟିକା ଏବଂ ଏହା ଅନେକ ରୋଗରୁ ଶିଶୁଟିକୁ ରକ୍ଷା କରିଥାଏ। ମା'କ୍ଷୀର ଯେ ଶିଶୁ ପାଇଁ ଅମୃତ, ଏକଥାର ପ୍ରାୟ ସହରାଂଚଳ ଓ ଗ୍ରାମାଂଚଳର ମହିଳାମାନ ଜାଣିଲେଣି, ତେଣୁ ଅନେକ ସ୍ତନ୍ୟପାନ ପାଇଁ ଆଗଭର ହେଲେଣି। ଦୁଃଖର ବିଷୟ ଏବେ ବି କେତେକ ଆଧୁନିକ ମା' ଏବଂ କର୍ମଜୀବୀ ମହିଳା ସୌନ୍ଦର୍ଯ୍ୟ ହାନି ଭୟରେ ଶିଶୁକୁ ସ୍ତନ୍ୟପାନ କରାଇବାକୁ ପଛଘୁଂଚା ଦେଉଛନ୍ତି। ସେମାନଙ୍କର ଧାରଣା ଶିଶୁକୁ ସ୍ତନ୍ୟପାନ କରାଇଲେ ଶାରୀରିକ ଗଠନ ଖରାପ ବେହା ସହ ସ୍ତନ ଢିଲା ହୋଇ ଓହଳିପଡ଼ିବ, ଏବଂ ବକ୍ଷର ଚର୍ମ ମଧ୍ୟକୁଂଚିତ ହୋଇଯିବ। ସ୍ତନ୍ୟପାନ ସମୟରେ ବେଶି କ୍ୟାଲୋରିର ଖାଦ୍ୟ ଖାଇବା ଦ୍ୱାରା ମୋଟା ହୋଇଯିବା ଆଶଙ୍କା ମଧ୍ୟ ଅନେକଙ୍କୁ ଶିଶୁକୁ ସ୍ତନ୍ୟପାନ କରାଇବାରୁ ବଂଚିତ କରିଥାଏ। କିନ୍ତୁ ଏହି ଧାରଣା ଠିକ୍ ନୁହେଁ। ସ୍ତନ୍ୟପାନ କରାଇବା ଦ୍ୱାରା ମା' ଦେହରେ ଥିବା ସମସ୍ତ ଗଚ୍ଛିତ ଚର୍ବିଅଂଶ ପୁଷ୍ଟିସର ଓ ଶ୍ୱେତସାର ଅଂଶ କମିଯାଏ। ଏହା ମା'ଦେହରୁ ଅଯଥା ଚର୍ବି ଅଠା ଓ ମୋଟାପଣିଆ(ଓବେସିଟି)କୁ କମାଇ ଦେଇଥାଏ। ଶିଶୁ କ୍ଷୀର ଖାଇବା ଦ୍ୱାରା ମା'ର ମସ୍ତିଷ୍କ ଅକ୍ସିଟୋସିନ ହରମୋନର କ୍ଷରଣ ହେବା ଦ୍ୱାରା ଜରାୟୁ ସଂକୁଚିତ ହୋଇଥାଏ, ଏହାର ଆଭଦ୍ୱାରା ମା'ର ମାସିକ ଋତୁସ୍ରାବ ବିଳମ୍ବରେ ହୋଇଥାଏ ଏବଂ ଗର୍ଭଧାରଣରେ ଡେରି ହୋଇଥାଏ (ଟେମ୍ପୋରାରି କଣ୍ଟ୍ରାସେପସନ)।

ସ୍ତନ୍ୟପାନ ମଧ୍ୟ ମା'କୁ ଅନେକ ରୋଗରୁ ରକ୍ଷା କରିଥାଏ ଯଥା ସ୍ତନକର୍କଟ, ଡିମ୍ବକୋଷର କର୍କଟ ରୋଗ (ଏଣ୍ଡୋମେଟ୍ରିଆଲ କ୍ୟାନ୍ସର), ଜରାୟୁଗ୍ରୀବା କର୍କଟରୋଗ, ରିଉମାଟଏଡ୍ ଆର୍ଥ୍ରାଇଟିସ ହାଡ଼ ପୋରିଆରୋଗ (ଓଷ୍ଟିଓପୋରୋସିସ୍) ଆଦି। ଏହାଛଡ଼ା ସ୍ତନ୍ୟପାନ କରାଉଥିବା ମା'ର ରକ୍ତରେ କୋଲେଷ୍ଟରାଲ ଓ ଟ୍ରାଇଗ୍ଲିସରାଇଡ଼ (ରକ୍ତରେ ଚର୍ବିଅଂଶ) କମ ପରିମାଣରେ ଥାଏ, ତେଣୁ ମା'କୁ ଉଚ୍ଚ ରକ୍ତଚାପ ଓ ହୃଦଘାତ ହେବା ଆଶଙ୍କା ମଧ୍ୟ କମ୍ ଥାଏ।

ଶିଶୁକୁ ୬ମାସ ପର୍ଯ୍ୟନ୍ତ କେବଳ ମା'କ୍ଷୀର ଖାଇବାକୁ ଦିଆ ଯାଇଥାଏ, ଏହାଛଡ଼ା ଶିଶୁକୁ ୨ବର୍ଷ ଯାଏଁ ସ୍ତନ୍ୟପାନ କରାଇଥିଲେ, ମାନସିକ ଋତୁସ୍ରାବର ବିରତି ପୂର୍ବରୁ ଶତକଡ଼ା ୪୦ଭାଗ ସ୍ତନ କର୍କଟ ରୋଗ ହେବା ଆଶଙ୍କା କମି ଯାଇଥାଏ। ୬ ବର୍ଷ ଶିଶୁକୁ ସ୍ତନ୍ୟପାନ କରାଇବା ମା'ର ମେନୋପଜ୍ ଆଗରୁ ସ୍ତନ କର୍କଟ ରୋଗ ହେବାର ଆଶଙ୍କା ଶତକଡ଼ା ୬୬ ଭାଗ କମିଯାଇଥାଏ। ୭ ବର୍ଷ ଶିଶୁକୁ ସ୍ତନ୍ୟପାନ କରାଇଥିବା ମା'ର ସ୍ତନ କର୍କଟ ହେବା ପ୍ରାୟ ନଥାଏ। ମା' ଓ ଶିଶୁ ଭିତରେ ଏକ ସ୍ନେହର ବନ୍ଧନ ଜନ୍ମ ପରେ ପରେ ହିଁ ଆରମ୍ଭ ହୋଇଥାଏ। ଯାହାଦ୍ୱାରା ଶିଶୁ ନିଜକୁ ସୁରକ୍ଷିତ ମନେ କରିଥାଏ, ତାର ଶାରୀରିକ ଓ ମାନସିକ ବିକାଶ ଭଲ ହେବା ସହ ମା'କୁ ମଧ୍ୟ ଭାବନାତ୍ମକ ସନ୍ତୋଷ ମିଳିଥାଏ ଏବଂ ଆତ୍ମସନ୍ତୋଷର ଏକ ଅପୂର୍ବ ଆଭା ସାରା ଦେହରେ ଉଛୁଳି ଉଠେ, ଯାହାକି ମା'ର ସୌନ୍ଦର୍ଯ୍ୟ ବୃଦ୍ଧିକରେ। ତା'ଛଡ଼ା ସ୍ତନ୍ୟପାନ କରାଉଥିବା ଦିନଗୁଡ଼ିକରେ ମା' ଖାଉଥିବା ଖାଦ୍ୟ ଏବଂ ପାନୀୟ ମଧ୍ୟ ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ। ତେଣୁ ଆଧୁନିକା, କର୍ମଜୀବୀ ମା'ମାନେ ସ୍ତନ୍ୟପାନ ଦ୍ୱାରା ସୌନ୍ଦର୍ଯ୍ୟ ହାନି ନୁହେଁ ବରଂ ସୌନ୍ଦର୍ଯ୍ୟମୟୀ ହେବା ପାଇଁ ନିଜ ମନକୁ ଦୃଢ଼ କରନ୍ତୁ ଏବଂ ଏକ ସଶ୍ରଦ୍ଧ ଇଚ୍ଛା ଶକ୍ତି ରଖି ଶରୀରର କିଛି ଅଂଶ କ୍ଷୀର ଆକାରରେ ନିଜ ନବଜାତକକୁ ଖୁଆଇ ତାକୁ ସୁସ୍ଥ ରଖିବାର ସଂକଳ୍ପ ନିଅନ୍ତୁ।



ସାପ କାମୁଡ଼ାର ଚିକିତ୍ସା

ସାପ କାମୁଡ଼ା ଓଡ଼ିଶାରେ ବିଶେଷ ଭାବେ ଦେଖାଯାଏ। ତେବେ ସାପ କାମୁଡ଼ା ସମୟରେ ଚିକିତ୍ସା ଅପେକ୍ଷା ସଚେତନତା ଅଭାବରୁ ରୋଗୀକୁ ମୁମୂର୍ଷୁ କରି ଦିଆଯାଉଥିବା ଅଭିଯୋଗ ଆସିଥାଏ।

ସାପ ସାଧାରଣତଃ ଦୁଇ ପ୍ରକାର। ଗୋଟିଏ ବିଷଧର ଓ ଅନ୍ୟଟି ବିଷହୀନ। ବିଷହୀନ ସାପ କାମୁଡ଼ିଲେ କୌରସି କ୍ଷତିହୁଏ ନାହିଁ। କିନ୍ତୁ ବିଷଧର ସାପ କାମୁଡ଼ିଲେ ୧୫ରୁ ୨୦ ମିନିଟ ମଧ୍ୟରେ ବିଷ କ୍ରିୟା ଜଣାପଡ଼େ। ବିଧେର ସାପ ପୁଣି ଦୁଇ ଶ୍ରେଣୀର। ଗୋଟିଏ ହେଲା ଗୋଖର ବା ନାଗ ଶ୍ରେଣୀର ଓ ଅନ୍ୟଟି ବୋଡ଼ା ଶ୍ରେଣୀର। ସାପ କାମୁଡ଼ିଲେ ଏହାର ଦଂଶନ ସ୍ଥାନରେ ଦୁଇଟି ଦାନ୍ତ ଚିହ୍ନ ଦେଖାଯାଇଥାଏ। ସ୍ଥାନଟି ଫୁଟିଯିବା ସହ ଯନ୍ତ୍ରଣା ଦେଇଥାଏ। ଏହି ସମୟରେ ଦେହ ଝିମ୍ ଝିମ୍ ଲାଗିବା ସହ କେତେକ କ୍ଷେତ୍ରରେ ରକ୍ତସ୍ରାବ ହୁଏ। ଜଣ ଜଣଙ୍କ ଶରୀର କ୍ରମଶଃ ନୀଳ ପଡ଼ିଯାଏ।

ବିଷାକ୍ତ ପ୍ରଜାତିର ନାଗ କିମ୍ବା ଗୋଖର ସାପ କାମୁଡ଼ିଲେ ବିଶେଷକରି ମସ୍ତିଷ୍କ ଓ ସ୍ନାୟୁ କ୍ଷତିଗ୍ରସ୍ତ ହୋଇଥାଏ। ସାପ କାମୁଡ଼ିଥିବା ଲୋକର ଆଖିପତା ପଡ଼ି ଆସିଥାଏ ଯାହାଫଳରେ ସେ ପ୍ରତିଟି ଜିନିଷକୁ ଦୁଇ ଦୁଇଟା ଦିଶିବା ସହ ଆଉ କେତେକ କ୍ଷେତ୍ରରେ ଝାପ୍‌ସା ଦିଶିଥାଏ। ପକ୍ଷାଘାତ ରୋଗୀ ପରି ହାତଗୋଡ଼ ଦୁର୍ବଳ ହେବା ସହ ଶରୀର ଥକା ଲାଗିଥାଏ। ଜଣେ ଜଣେ ବେହୋସ ହୋଇଯାଆନ୍ତି।। ତେବେ ଏହା ଭିତରେ ଶ୍ୱାସକ୍ରିୟା ବନ୍ଦ ହୋଇଗଲେ ସବୁକିଛି ନିୟନ୍ତ୍ରଣ ବାହାରକୁ ଚାଲିଯାଏ ତେବେ ବୋଡ଼ା ପ୍ରଜାତିର ସାପ କାମୁଡ଼ିଲେ ବିଶେଷକରି ରକ୍ତକୋଷ କ୍ଷତିଗ୍ରସ୍ତ ହୋଇଥାଏ। କେବଳ ସେତିକି ନୁହେଁ ପ୍ରବଳ ଭାବରେ ମୁଣ୍ଡବ୍ୟଥା ହୋଇ ଲୋକଟି ବାଚାଳ ପରି ଅବଶ ହୋଇ ବାନ୍ତି କରିଥାଏ। ଗୁରୁତର କ୍ଷେତ୍ରରେ କଫରେ ରକ୍ତ ପଡ଼ିବା ସହ ପରିସ୍ରା ମଧ୍ୟ ବନ୍ଦ ହୋଇଯାଇଥାଏ। ଖରାଦିନେ ଗାତ ବାହାରୁ ସାପମାନେ କିଛି କ୍ଷେତ୍ରରେ ବୁଲାବୁଲି କରିବା ସହ ବର୍ଷାଦିନରେ ସେମାନଙ୍କ ଗାତରେ ପାଣି ପଶି ଯାଉଥିବାରୁ ପ୍ରାୟତଃ ପାହାରକୁ ଚାଲିଆସନ୍ତି। ତେବେ ଗ୍ରାମାଂଚଳରେ ରାତିରେ ଶୋଇଲା ବେଳେ ମଶାରୀ ବ୍ୟବହାର ଖୁବ ଭଲ କାରଣ ନିବୁଜ ମଶାରୀ ଭିତରକୁ ସାପମାନେ ଯିବା ସମ୍ଭବ ହୋଇପାରି ନଥାଏ। ତେବେ ନିଜ ପରିବେଶକୁ ପରିଷ୍କାର କଲେ ଏହା ସାପର ନିରାପଦ ସ୍ଥଳୀ ହୋଇପାରିବ ନାହିଁ। ଆମ ରାଜ୍ୟର ଲୋକମାନେ ଭ୍ରାନ୍ତଧାରଣା ଶିକାର ହୋଇ ଗୁଣିଗାରେଡ଼ି ଓ ଅନ୍ୟାନ୍ୟ ତୁଟୁକା ଚିକିତ୍ସା କରି ଶେଷ ମୁହୂର୍ତ୍ତରେ ଡାକ୍ତରଖାନାକୁ ଯାଇଥାନ୍ତି। ତେବେ ସାପ କାମୁଡ଼ିଥିବା କ୍ଷେତ୍ରରେ ଧୈର୍ଯ୍ୟହରା ନହୋଇ ଲୋକକୁ ଆଶ୍ୱାସନା ଦିଅନ୍ତୁ। ଆତ୍ମପ୍ରତ୍ୟୟ ସୃଷ୍ଟି ହୋଇ ପାରିଲେ ଲୋକଟି ଭିତରୁ ଭୟ ଅପସରି ଯିବ। ଏ କ୍ଷେତ୍ରରେ ଲୋକକୁ ଚଟ୍ କରି ଶୁଆଇ ଦିଅନ୍ତୁ। ହଲଚଲ ହେବାକୁ ସୁଯୋଗ ନଦେବା ସହ ସାପ କାମୁଡ଼ିଥିବା ସ୍ଥାନକୁ ପରିଷ୍କାର ଭାବରେ ସାବୁନ କିମ୍ବା ଡେଟଲରେ ଧୋଇ ଦିଅନ୍ତୁ। ସୁବିଧା ଥିଲେ ବରଫ ବ୍ୟବହାର କରିପାରନ୍ତି ତେବେ କାମୁଡ଼ି ଥିବା ସ୍ଥାନରେ ଉପର ଅଂଶକୁ ସର୍ବ ପ୍ରଥମେ ବାନ୍ଧି ଦିଅନ୍ତୁ। ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଡାକ୍ତରଖାନାକୁ ରୋଗୀକୁ ତୁରନ୍ତ ନିଅନ୍ତୁ। ସାପ କାମୁଡ଼ିବାର ଚିକିତ୍ସା ପାଇଁ ସରକାର ଡାକ୍ତରଖାନାରେ ବିନା ମୂଲ୍ୟରେ ଇଞ୍ଜେକସନ ଯୋଗାଇ ଦେଇଛନ୍ତି। କେହି କେହି ସାପ କାମୁଡ଼ିବାସ୍ଥାନକୁ କାଚ ଓ ବ୍ୟବହୃତ ଖଡ଼ିକା ଦ୍ୱାରା ଖଣ୍ଡିଆ କରିବା ସହିତ ଆଉ କେହିକେହି ଉକ୍ତ ସ୍ଥାନକୁ କିରୋସିନି ବା ପେଟ୍ରୋଲ ବ୍ୟବହାର କରି ପୋଡ଼ିଥାନ୍ତି, ଯାହା ରୋଗୀଟି ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ।

‘ସାହି ବ୍ରେଡ ଟୁକୁଡା’ ଖାଇବାକୁ ଭାରି ସୁଆଦିଆ, ଜାଣି ରଖନ୍ତୁ ପ୍ରସ୍ତୁତି ପ୍ରଣାଳୀ

ଏହା ଦେଖିବାକୁ ଯେତିକି ଲୋଭନୀୟ, ଖାଇବାକୁ ଯେତିକି ସୁଆଦିଆ। ଏହାକୁ ପ୍ରସ୍ତୁତ କରିବା ସେତିକି ସହଜ । କେବଳ ବ୍ରେଡ ଓ ଅଳ୍ପ କିଛି ସାମଗ୍ରୀରେ ଘରେ ପ୍ରସ୍ତୁତ କରନ୍ତୁ ଏହି ସୁଇଟ୍ ଡିସ୍। ପ୍ରଥମେ ବ୍ରେଡର ଚାରି ପାର୍ଶ୍ୱକୁ କାଟି ଦିଅନ୍ତୁ। ବ୍ରେଡକୁ ତେଲରେ ଫ୍ରାଏ କରି ଦିଅନ୍ତୁ। ଉଭୟ ପାର୍ଶ୍ୱ ପୂରା ଗୋଲଡେନ ଫ୍ରାଏ କରିଦିଅନ୍ତୁ। ଏହାପରେ ଗ୍ୟାସ୍‌ରେ ଏକ ପାତ୍ର ବସାଇ ଯେତିକି ପାଣି ସେତିକି ଚିନି ଦେଇ ସିରା ପ୍ରସ୍ତୁତ କରନ୍ତୁ। ସେଥିରେ କିଛି ଗୁଜରାତି, କେଶର ପକାଇ ଦିଅନ୍ତୁ । ଏହାପରେ ଗୋଟି ଗୋଟି ବ୍ରେଡକୁ ଚିନି ସିରାରେ ପକାନ୍ତୁ। ଉଭୟ ପାର୍ଶ୍ୱକ ଓଲଟାଇ ତାହାକୁ ବାହାର କରି ଏକ ପାତ୍ରରେ ଚିନି ଥାକ କରି ରଖନ୍ତୁ। ଏହାପରେ ଏକ ପାତ୍ରରେ କ୍ଷୀର ଗରମ କରି ତାହାକୁ ଫୁଟାନ୍ତୁ। କ୍ଷୀରକୁ ପ୍ରାୟ ଅଧା କରି ଦିଅନ୍ତୁ। ସେଥିରେ ଗୁଜରାତି ଗୁଣ୍ଡ, ଚିନି, କେଶର ପକାନ୍ତୁ। ଏହାପରେ ମିକ୍ସ ପାଉଡରରେ କିଛି କ୍ଷୀର ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରି ଦିଅନ୍ତୁ। ଏହାକୁ କ୍ଷୀରରେ ପକାଇ ଘାଣ୍ଟି ଦିଅନ୍ତୁ। ଏହପରେ ଏହି କ୍ଷୀର ମିଶ୍ରଣକୁ ବ୍ରେଡ ପିସ୍ ଉପରେ ଆସ୍ତେ ଆସ୍ତେ ଢାଳନ୍ତୁ। ମଲାଇ ପକାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା 'ସାହି ବ୍ରେଡ ଟୁକୁଡା' ।

ଏହାକୁ ଫ୍ରିଜରରେ ରଖି ଦିଅନ୍ତୁ । ପ୍ରାୟ ଘଣ୍ଟାଏ ପରେ ଏହାକୁ ଥଣ୍ଡା ଥଣ୍ଡା ସର୍ଭ କରନ୍ତୁ।

ଫର୍ମେଣ୍ଟେଡ୍ ଫୁଡ୍ ମଧୁମେହ ରୋଗୀଙ୍କ ପାଇଁ ଲାଭଦାୟକ: ଜାଣନ୍ତୁ ଏହାର ଫାଇଦା

ଫର୍ମେଣ୍ଟେଡ୍ ଖାଦ୍ୟ ମଧୁମେହ ରୋଗୀଙ୍କ ପାଇଁ ଖୁବ୍ ଲାଭଦାୟକ । ଏଥିରେ ବହୁ ମାତ୍ରାରେ ପ୍ରୋବାୟୋଟିକ୍ସ ସହିତ ବାୟୋଟିକ୍ ତତ୍ତ୍ୱ ମଧ୍ୟ ମିଳିଥାଏ, ଯାହା ଶରୀର ପାଇଁ ସ୍ୱାସ୍ଥ୍ୟପ୍ରଦ । ଏହା ମଧୁମେହର ରିସ୍କକୁ କମ୍ କରିଥାଏ । ମଧୁମେହ ରୋଗୀଙ୍କ ପାଇଁ ଫର୍ମେଣ୍ଟେଡ୍ ଫୁଡ୍ ସୁପର ଫୁଡ୍ ଭାବେ କାମ କରିଥାଏ । ଫର୍ମେଣ୍ଟେଡ୍ ଫୁଡ୍ ହେଉଛି ଯାହା କାର୍ବୋହାଇଡ୍ରେଟ୍ ବ୍ୟାକ୍ଟେରିଆ, ଫଙ୍ଗସ୍ ବା ଇଷ୍ଟର ସାହାଯ୍ୟରେ ଏସିଡ୍ ବା ଆଲକହଲ୍‌ରେ ପରିବର୍ତ୍ତିତ ହୋଇଥାଏ । ଏଥିରେ ଆପଣଙ୍କ ଗଟ୍ସ(ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟାଇନାଲ୍ ସିଷ୍ଟମ୍)ର ମାଇକ୍ରୋବାୟୋମ୍‌କୁ ବଢାଇବା କ୍ଷମତା ରହିଛି, ଯାହା କେବଳ ଆପଣଙ୍କ ପାଚନ ତନ୍ତ୍ର ନୁହେଁ, ବରଂ ସାରା ଶରୀର ପାଇଁ ସ୍ୱାସ୍ଥ୍ୟପ୍ରଦ ହୋଇଥାଏ । ଚାଲନ୍ତୁ ଜାଣିବା ମଧୁମେହ ରୋଗୀଙ୍କ ପାଇଁ ଫର୍ମେଣ୍ଟେଡ୍ ଫୁଡ୍‌ର ଫାଇଦା।

କୋଲେଷ୍ଟରଲ୍ କମ୍ କରେ: ଫର୍ମେଣ୍ଟେଡ୍ ଫୁଡ୍ ଶରୀରରେ କୋଲେଷ୍ଟରଲ୍ ସ୍ତରକୁ କମ୍ ରଖିଥାଏ । ଏହା ଶରୀରର ଭେସୋକନଷ୍ଟ୍ରିକ୍ଟର୍ ସମସ୍ୟାକୁ ରୋକିଥାଏ, ଯାହାଦ୍ୱାରା କାର୍ଡିଓଭାସ୍କୁଲାର୍ ରୋଗର ଆଶଙ୍କାକୁ କମ୍ ରହିଥାଏ । ଏଥିରେ ପ୍ରୋବାୟୋଟିକ୍ ରହିଥାଏ, ଯାହା କୋଲେଷ୍ଟରଲ୍ ସ୍ତରକୁ କମ୍ କରିଥାଏ । ମଧୁମେହ ରୋଗୀଙ୍କଠାରେ କୋଲେଷ୍ଟରଲ୍ ବଢିବାର ଆଶଙ୍କା ଅଧିକ ରହିଥାଏ । ତେଣୁ ମଧୁମେହ ରୋଗ ଥିଲେ ଆରମ୍ଭରୁ ଡାଏଟ୍ରେ ଫର୍ମେଣ୍ଟେଡ୍ ଖାଦ୍ୟ ସାମିଲ୍ କରିବା ଉଚିତ୍ ।

ଓଜନ ରଖେ ନିୟନ୍ତ୍ରିତ: ଫର୍ମେଣ୍ଟେଡ୍ ଖାଦ୍ୟ କମ୍ କାର୍ବୋ ଯୁକ୍ତ ଶ୍ରେଣୀରେ ଅନ୍ତର୍ଭୁକ୍ତ । ତେଣୁ ଓଜନ ନିୟନ୍ତ୍ରିତ ରଖିବା ସତ୍ତ୍ୱେ ଅଧିକ ସମୟ ଯାଏ ପେଟ ଭରା ରଖିଥାଏ । ଫଳରେ ମଧୁମେହ ରୋଗୀର ଓଜନ ଓ ରୋଗ ନିୟନ୍ତ୍ରିତ ରହିଥାଏ ।

ଅଧିକ ଫାଇବର ଥାଏ: ଏଥିରେ ବହୁ ପ୍ରକାରର ପୋଷକ ତତ୍ତ୍ୱ ରହିଥାଏ । ଯେପରିକି ମିନେରାଲ୍ସ, ଭିଟାମିନ୍-ସି ଓ ବି ରହିଥାଏ । ସେହିପରି ବହୁ ମାତ୍ରାରେ ଫାଇବର ରହିଥାଏ । ଫଳରେ ଅଚାନକ୍ ମଧୁମେହ ବଢିବାର ଆଶଙ୍କା କମ୍ ରହିଥାଏ ।

ପ୍ରଦାହ କମାଏ: ଫର୍ମେଣ୍ଟେଡ୍ ଖାଦ୍ୟ ପ୍ରଦାହକୁ କମ୍ କରିଥାଏ । ଏଥିରେ ବାୟୋଆକ୍ଟିଭ୍ ତତ୍ତ୍ୱ ରହିଥାଏ, ଯାହା ଖୁବ୍ କମ୍ ଖାଦ୍ୟ ସାମଗ୍ରୀରୁ ମିଳିଥାଏ । ମଧୁମେହରୁ ହେଉଥିବା ପ୍ରଦାହକୁ ଏହା କମ୍ କରିଥାଏ । ତେଣୁ ମଧୁମେହ ରୋଗୀମାନେ ଯଥାସମ୍ଭବ ଏହାକୁ ନିୟମିତ ଖାଦ୍ୟରେ ସାମିଲ୍ କରିବା ଆବଶ୍ୟକ । ଭାରତୀୟ ଫର୍ମେଣ୍ଟେଡ୍ ଖାଦ୍ୟ ଭିତରେ ରହିଛି । ଇଡ୍ଲୀ, ଦୋସା, ନାନ୍, ଜଲେବୀ, ଭଟୋରା ଓ ଏଣ୍ଡୁରି ପିଠା ଇତ୍ୟାଦି ।

ଅସରାଏ ବର୍ଷାରେ କୃତ୍ରିମ ପୋଖରୀର ଭ୍ରମ: ବ୍ୟକ୍ତିଗତ ଜମି ପାଇଁ ଆଗଉନି ଡ୍ରେନ୍ ନିର୍ମାଣ

ଭୁବନ, ୪/୬ (ନି.ପ୍ର): ଭୁବନ ସହରର ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଆସିଥିବା ବେଳେ ସହର ବାହାରେ ଥିବା ନୂତନ ଜନବସତି ଓ ସରକାରୀ ବେସରକାରୀ ଅନୁଷ୍ଠାନଗୁଡ଼ିକୁ ଥିବା ରାସ୍ତାରେ ଡ୍ରେନେଜ୍ ସୁବିଧା ନାହିଁ। ଫଳରେ ଅସରାଏ ବର୍ଷା ହେଲେ ତାହା ନିଷ୍କାସିତ ହୋଇପାରୁନାହିଁ। ବିଭିନ୍ନ ସ୍ଥାନରେ ଏଥିପାଇଁ କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି ହେଉଛି। ଭୁବନ ଏନ୍‌ଏସି କାର୍ଯ୍ୟାଳୟଠାରୁ ମାତ୍ର କେଇ ମିଟର ଦୂରରେ ଥିବା ମାର୍କେଟ୍ କମ୍ପ୍ଲେକ୍ସ ସାମ୍ନାରେ ଥିବା ପଡ଼ିଆ ଏହାର ଏକ ଜ୍ୱଳନ୍ତ ଉଦାହରଣ। ଏହାର ପାଖରେ ଷ୍ଟେଟ୍ ବ୍ୟାଙ୍କ, ଶାନ୍ତି ହସ୍ପିଟାଲ ଓ ମାଂସ ଦୋକାନ ରହିଛି। ଏଠାକୁ ଦୈନିକ ଶହ ଶହ ଲୋକଙ୍କ ଯାତାୟାତ ହୋଇଥାଏ। କିନ୍ତୁ ବର୍ଷା ପାଣି ନିଷ୍କାସିତ ନ ହେବା ଦ୍ୱାରା ଦୀର୍ଘ ଦିନ ପର୍ଯ୍ୟନ୍ତ ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏ ସମ୍ପର୍କରେ ଏନଏସି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିବା ଲକ୍ଷ୍ମୀବଜାର ସଭାପତି କୁମାର ଦେବେଶ କହିଛନ୍ତି। ସେହିପରି ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଏହା ହେଉ ନଥିବା ପୂର୍ବତନ ଉପନଗରପାଳ ହୃଦାନନ୍ଦ ମହାରଣା କହିଛନ୍ତି। ଅନ୍ୟପଟେ ଷ୍ଟେଟ୍ ବ୍ୟାଙ୍କ ସାମ୍ନାରୁ ବର୍ଷାଜଳ ନିଷ୍କାସିତ ହୋଇ ନ ପାରିବା ଦେଖି ଦୁଃଖ ଲାଗୁଛି। ଏଥିପାଇଁ ଡ୍ରେନ୍ ବ୍ୟବସ୍ଥା ହୋଇଥିଲେ ମଧ୍ୟ ବ୍ୟକ୍ତିଗତ ଜମି ସମସ୍ୟା ଯୋଗୁଁ ତାହା ଅଟକି ରହିଥିବା ଏନ୍‌ଏସି ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ବେହେରା କହିଛନ୍ତି। ଏନେଇ ଆଲୋଚନା ଚାଲିଛି ଓ ସମାଧାନର ବାଟ ବାହାରିବ ବୋଲି ସେ ପ୍ରକାଶ କରିଛନ୍ତି।

ଲାନ୍ଥ ନଦୀରୁ ମହିଳାଙ୍କ ଗଳିତ ମୃତଦେହ ବେଲପଡ଼ା ପୁଲିସ ଉଦ୍ଧାର କଲା

ବଲାଙ୍ଗୀର, ୪/୬ (ନି.ପ୍ର): ବଲାଙ୍ଗିର ଜିଲ୍ଲା ବେଲପଡା ଥାନା କେନକେବା ନିକଟସ୍ଥ ଲାନ୍ଥ ନଦୀରେ ଏକ ମୃତଦେହ ପଡିଥିବାର ଖବରପାଇ ବେଲପଡା ପୋଲିସ ପହଂଚି ଶବଟିକୁ ଜବତ କରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ ବେଲପଡା ଥାନା ମଧ୍ୟପୁର ପଂଚାୟତ ଅନ୍ତର୍ଗତ କେନକେବା ଲାନ୍ଥ ନଦୀରେ ଶବଟିଏ ପଡିଥିବାର ସ୍ଥାନୀୟ ବାସିନ୍ଦା ଦେଖି ଥିଲେ । ଏହି ଖବର ପ୍ରଘଟ ହେବା ପରେ ବେଲପଡା ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ଓ ପୋଲିସ ବାହିନୀ ଘଟଣାସ୍ଥଳରେ ପହଂଚି ତଦନ୍ତ କରିଥିଲେ । ପ୍ରାଥମିକ ତଦନ୍ତରୁ ଶବଟି ଜଣେ ମହିଳାଙ୍କର ବୋଲି ଜଣାପଡିଛି । ତେବେ ସଂପୃକ୍ତ ମହିଳାଙ୍କ ପରିଚୟ ମିଳି ନ ଥିବା ବେଳେ ମହିଳାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି । ଘଟଣାସ୍ଥଳରେ ବୈଜ୍ଞାନିକ ଦଳ ପହଂଚି ତଦନ୍ତ ଆରମ୍ଭ କରିଥିବା ବେଲପଡା ଥାନାଧିକାରୀ ସୂଚନା ଦେଇଛନ୍ତି ।

ଅଧ୍ୟାପକଙ୍କୁ ୟୁଜିସି ସ୍କେଲ୍ ପ୍ରସଙ୍ଗ: ହାଇକୋର୍ଟରେ ସରକାରଙ୍କ ଆବେଦନ ଖାରଜ

କଟକ, ୪/୬ (ନି.ପ୍ର): ଇଂରାଜୀ ଅଧ୍ୟାପକଙ୍କୁ ୟୁଜିସି ସ୍କେଲ୍ ଦରମା ପ୍ରଦାନ ସପକ୍ଷରେ ୨୦୦୮ ମେ ୩୧ରେ ରାଜ୍ୟ ଶିକ୍ଷା ଟ୍ରିବୁନାଲ ପ୍ରଦାନ କରିଥିବା ରାୟ ହାଇକୋର୍ଟରେ କାଏମ ରହିଛି। ଶିକ୍ଷା ଟ୍ରିବୁନାଲଙ୍କ ରାୟକୁ ଚାଲେଞ୍ଜ କରି ରାଜ୍ୟ ସରକାରଙ୍କ ତରଫରୁ ଦାୟର ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ମାମଲାର ପ୍ରତିପକ୍ଷ ଦାଶରଥୀ ସାହୁ ୟୁଜିସି ସ୍କେଲ ଅଫ୍ ପେ ପାଇବାକୁ ଯୋଗ୍ୟ ବୋଲି ହାଇକୋର୍ଟ ମତ ଦେବା ସହିତ ଶିକ୍ଷା ଟ୍ରିବୁନାଲଙ୍କ ରାୟରେ ହସ୍ତକ୍ଷେପ ପାଇଁ ମନା କରିଛନ୍ତି। ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ଆବେଦନର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି। ହାଇକୋର୍ଟଙ୍କ ରାୟ ପରେ ଦାଶରଥି ସାହୁ ୧୯୮୬ ଜାନୁଆରି ୧ରୁ ୟୁଜିସି ସ୍କେଲ ଅଫ୍ ପେ ପାଇବେ। ଇତିମଧ୍ୟରେ ଶ୍ରୀ ସାହୁ ଅବସର ନେଇ ସାରିଥିବାରୁ ୩୮ ବର୍ଷ ପରେ ସଂଶୋଧିତ ହାରରେ ତାଙ୍କୁ ବେତନ ଓ ଅବସରକାଳୀନ ପ୍ରାପ୍ୟ ମିଳିବ। ମାମଲାର ବିବରଣୀରୁ ପ୍ରକାଶ ଯେ ୧୯୮୦, ମାର୍ଚ୍ଚ ୨୨ରେ ପୁରୀ ଜିଲ୍ଲା କାକଟପୁରସ୍ଥିତ ମଙ୍ଗଳା ମହାବିଦ୍ୟାଳୟ(ଯୁକ୍ତ ଦୁଇ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ)ରେ ଇଂରାଜୀ ଅଧ୍ୟାପକ ଭାବେ ଶ୍ରୀ ସାହୁ ଯୋଗ ଦେଇଥିଲେ। ୧୯୯୨, ଅଗଷ୍ଟ ୨୭ରେ ଶ୍ରୀ ସାହୁଙ୍କ ନିଯୁକ୍ତିକୁ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ଅନୁମୋଦନ ମିଳିଥିଲା। ୧୯୯୫ରେ ତାଙ୍କର ନୟାଗଡ଼ କଲେଜକୁ ବଦଳି ହୋଇଥିଲା। ମଙ୍ଗଳା ମହାବିଦ୍ୟାଳୟ ଓ ନୟାଗଡ଼ କଲେଜ ଉଭୟଙ୍କୁ ୧୯୮୯, ଏପ୍ରିଲ ୧ ପୂର୍ବରୁ ଯୁକ୍ତ ତିନି ପାଠ୍ୟକ୍ରମ ପାଇଁ ଅନୁମତି ମିଳିଥିଲା। ଏଭଳି ସ୍ଥିତିରେ ଆବେଦନକାରୀ ୟୁଜିସି ସ୍କେଲ ଦରମା ପାଇବା ପାଇଁ ଯୋଗ୍ୟ ହୋଇଥିଲେ ମଧ୍ୟ ତାଙ୍କୁ ଏହା ପ୍ରଦାନ କରାଯାଇ ନଥିଲା। ଏ ସଂପର୍କିତ ଆବେଦନକାରୀଙ୍କ ଦାବିକୁ ସରକାର ୨୦୦୫, ଅଗଷ୍ଟ ୬ରେ ଖାରଜ କରିଥିଲେ। ଏହି ପ୍ରସଂଗ ନେଇ ସେ ଶିକ୍ଷା ଟ୍ରିବୁନାଲଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୦୮, ମେ ୩୧ରେ ଶିକ୍ଷା ଟ୍ରିବୁନାଲ ୨୦୦୫, ଅଗଷ୍ଟ ୬ର ସରକାରୀ ନିର୍ଦ୍ଦେଶକୁ ରଦ୍ଦ କରିବା ସହିତ ଶ୍ରୀ ସାହୁ ୧୯୮୬, ଜାନୁଆରି ୧ରୁ ୟୁଜିସି ସ୍କେଲ ପାଇବାକୁ ଯୋଗ୍ୟ ବୋଲି ରାୟ ଦେଇଥିଲେ। ୨୦୦୯ରେ ରାଜ୍ୟ ସରକାର ଶିକ୍ଷା ଟ୍ରିବୁନାଲଙ୍କ ରାୟକୁ ଚାଲେଞ୍ଜ କରି ହାଇକୋର୍ଟରେ ମାମଲା ଦାୟର କରିଥିଲେ। ହାଇକୋର୍ଟରେ ମାମଲା ବିଚାରାଧୀନ ଥିବା ବେଳେ ଶ୍ରୀ ସାହୁ ପିପିଲି କଲେଜରୁ ୨୦୧୭, ମାର୍ଚ୍ଚରେ ଅବସର ଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ହାଇକୋର୍ଟରେ ମାମଲା ବିଚାରାଧୀନ ଥିବା ଦର୍ଶାଇ ଶିକ୍ଷା ଟ୍ରିବୁନାଲଙ୍କ ନିର୍ଦ୍ଦେଶ ସରକାର କାର୍ଯ୍ୟକାରୀ କରି ନଥିଲେ। ଏହାପରେ ପୂର୍ଣ୍ଣାଙ୍କ ଶୁଣାଣି ହୋଇଥିଲା ଓ ୨୦୦୯ରୁ ବିଚାରାଧୀନ ଥିବା ସରକାରଙ୍କ ଆବେଦନକୁ ହାଇକୋର୍ଟ ଖାରଜ କରିଥିଲେ। ଶ୍ରୀ ସାହୁଙ୍କ ତରଫରୁ ଆଇନଜୀବୀ ଡକ୍ଟର ଜିତେନ୍ଦ୍ର କୁମାର ଲେଙ୍କା ମାମଲା ପରିଚାଳନା କରୁଥିଲେ।

ବିଦ୍ୟୁତ୍ ତାରକୁ ଢାଙ୍କିଛି ଗଛ ଡାଳ: ଲାଗିରହିଛି ବିଦ୍ୟୁତ୍ ବିଭ୍ରାଟ, ଲୋକେ ହନ୍ତସନ୍ତ

କଣିହାଁ, ୪/୬ (ନି.ପ୍ର): କଣିହାଁ ବ୍ଲକ୍ ରେଙ୍ଗାଳି ଡ୍ୟାମ୍ ଅଞ୍ଚଳରେ ବିଦ୍ୟୁତ୍ ତାରକୁ ଗଛର ଡାଳ ଢାଙ୍କି ରହିଛି। ଫଳରେ ରେଙ୍ଗାଳି କଲୋନି ଅଞ୍ଚଳରେ ବିଦ୍ୟୁତ ବିଭ୍ରାଟ ଲାଗି ରହୁଛି। ତାର ଉପରେ ଥିବା ଗଛର ଡାଳକୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ବର୍ଷ ବର୍ଷ ଧରି କଟାଯାଉନାହିଁ। ଏହି ଡାଳରେ ବିଦ୍ୟୁତ ତାର ଘଷିହେବା ଦ୍ୱାରା ତାର ଛିଣ୍ଡିପଡୁଛି। ଏହାକୁ ସଜଡ଼ା ଯାଇ ନଥିବା ଦେଖିବାକୁ ମିଳୁଛି। ୧୯୭୩ ମସିହାରେ ରେଙ୍ଗାଳି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ସମୟରେ କୋଲନି ସ୍ଥାପନ କରାଯାଇଥିଲା। ସେହି ସମୟରେ କଲୋନି ଅଞ୍ଚଳରେ ବ୍ୟବହାର କରାଯାଇଥିବା ଲୁହାର ବିଦ୍ୟୁତ ଖୁଣ୍ଟ, ସିମେଣ୍ଟ ଖୁଣ୍ଟ, ଆଙ୍ଗଲ୍, ତାର, ଅନ୍ୟ ବିଦ୍ୟୁତ୍ ଯନ୍ତ୍ରପାତି ଆଜି ପର୍ଯ୍ୟନ୍ତ ବଦଳା ଯାଇପାରିଲା ନାହିଁ। ବିଦ୍ୟୁତ ଟ୍ରାନସଫର୍ମରକୁ ବଦଳା ଯାଉନାହିଁ। କେତେକ ସ୍ଥାନରେ ଲୁହାଖୁଣ୍ଟଗୁଡ଼ିକ ନଷ୍ଟ ହେବାକୁ ବସିଲାଣି। ଲୁହାଖୁଣ୍ଟ ଓ ଆଙ୍ଗଲ୍‌ରେ ବର୍ଷ ବର୍ଷ ଧରି ରଙ୍ଗ ଲଗାଯାଉନାହିଁ। ଓଏଚପିସି କୋଲନିରେ ଠିକ ସମୟରେ ବିଦ୍ୟୁତ ଲାଇନ୍ ମେଣ୍ଟନାନସ କାମ ଚାଲିଥିବାବେଳେ ପ୍ରକଳ୍ପର ଅନ୍ୟ ଅଞ୍ଚଳରେ ଏସବୁ କାମ କରାଯାଉ ନଥିବା ଅଭିଯୋଗ ହୋଇଛି। ଫଳରେ ମାସ ମାସ ଧରି ଲୋ ଭୋଲଟେଜ ସମସ୍ୟା ଲାଗି ରହିଛି। ଲୋ ଭୋଲଟେଜ ଯୋଗୁଁ ଠିକ୍ ଭାବେ ଫ୍ୟାନ୍ ଘୂରୁନାହିଁ। ଅନ୍ୟାନ୍ୟ ସମସ୍ୟା ମଧ୍ୟ ଲାଗିରହିଛି। ଗତକାଲି ସନ୍ଧ୍ୟାରେ କାଳବୈଶାଖୀ ଝଡ଼ ଯୋଗୁଁ ରେଙ୍ଗାଳି ଅଞ୍ଚଳରେ କେତେକ ବିଦ୍ୟୁତ ଖୁଣ୍ଟ ନଇଁ ଯାଇଛି। ବିଦ୍ୟୁତ ତାର ଉପରେ ଗଛର ଡାଳ ଭାଙ୍ଗି ପଡିବା ଯୋଗୁଁ ଗତ କାଲି ସନ୍ଧ୍ୟାଠାରୁ ଆଜି ଦିନ ସାଢ଼େ ବାରଟା ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇ ଯାଇଥିଲା।

ଶୁଖିଗଲା ଲିଙ୍ଗରା ନାଳ: ଚାଷଜମି ପଡ଼ିଆ

ଅନୁଗୁଳ, ୪/୬ (ନି.ପ୍ର): ଅନୁଗୁଳରୁ ବାହାରି ଥିବା ଲିଙ୍ଗରା ନାଳ ଏକଦା ଥିଲା ଚାଷୀମାନଙ୍କ ପାଇଁ ଆଶୀର୍ବାଦ। ଏହି ନାଳର ପାଣିକୁ ବ୍ୟବହାର କରି ଚାଷୀମାନେ କ୍ଷେତରେ ସୁନାର ଫସଲ ଫଳାଉଥିଲେ। କିନ୍ତୁ ଚଳିତ ବର୍ଷ ଏହି ନାଳ ଶୁଖିଲା ପଡ଼ିଛି। ଫଳରେ ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାର ପ୍ରାୟ ୩୨ଟି ଗାଁର ଚାଷଜମି ପ୍ରଭାବିତ ହୋଇଛି। ସେହି ଜମି ଏବେ ପଡ଼ିଆ ପଡ଼ିଛି। ସୂଚନା ମୁତାବକ, ଜଳସେଚନ ପାଇଁ ୧୯୬୦ ମସିହାରେ ଅନୁଗୁଳ ଡେରେଜାଙ୍ଗଠାରେ 'ଡେରେଜାଙ୍ଗ ଡ୍ୟାମ୍' ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ୧୯୭୭-୭୮ ମସିହାରେ ଡେରେଜାଙ୍ଗ ଡ୍ୟାମ୍‌କୁ କାର୍ଯ୍ୟକ୍ଷମ କରାଯାଇ ବିଭିନ୍ନ ନାଳ ଓ କେନାଲ ଦେଇ ଜଳ ନିଷ୍କାସନର ବ୍ୟବସ୍ଥା କରାଯାଇଥିଲା। ଏହି ଜଳଭଣ୍ଡାରରେ ବର୍ଷାଦିନେ ଜଳ ଧାରଣ କ୍ଷମତାଠାରୁ ଅଧିକ ଜଳ ରହିଲେ ତାକୁ ନିଷ୍କାସନ କରିବାକୁ ୬ଟି ଫାଟକ ରହିଛି। ଏହି ଫାଟକ ଦେଇ ଲିଙ୍ଗରା ନାଳ ବାହାରି ପରତରା, କୁଶାସିଂହା, କରଡ଼ାଗାଡ଼ିଆ, ଛେଳିଆପଡ଼ା, ବେନ୍ତପୁର, କାଙ୍ଗୁଲା, ଅଙ୍ଗାରବନ୍ଧ, ଅରାହାଟ ଦେଇ ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଖଡ଼ଗପ୍ରସାଦଠାରେ ବ୍ରାହ୍ମଣୀ ନଦୀରେ ମିଶିଛି। ସେହିପରି ଚିରୋସ୍ ରୋତା ବଉଳି ନାଳ ଓ ଅନ୍ୟ ଛୋଟ ଛୋଟ ନାଳ ମଧ୍ୟ ଏହି ଲିଙ୍ଗରାରେ ମିଶିଛି। ବର୍ଷାଋତୁରେ ଏହି ନାଳରେ ବନ୍ୟା ଆସୁଥିବାବେଳେ ଖରାଦିନେ ଏହା ଶୁଖିଲା ପଡ଼ିଛି। ଚାଷୀମାନେ କହିବା ମୁତାବକ, ପୂର୍ବବର୍ଷମାନଙ୍କରେ ଏହି ନାଳର ପାଣିକୁ ବ୍ୟବହାର କରାଯାଇ ଶହ ଶହ ହେକ୍ଟର ଚାଷ ଜମିରେ ଫସଲ ଚାଷ କରାଯାଉଥିଲା। ଚାଷଜମିରେ ଜଳ ସେଚନ ପାଇଁ ସରକାରଙ୍କ ପକ୍ଷରୁ ଉଠା ସେଚ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଚାଷୀମାନଙ୍କୁ ନେଇ ପାଣି ପଞ୍ଚାୟତ ଗଠନ କରାଯାଇ ଚାଷ କରିବା ପାଇଁ ସେମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରାଯାଉଥିଲା। ଏହା ଦ୍ୱାରା ସାରାବର୍ଷ ନାଳ କୂଳ ଚାଷ ଜମିଗୁଡ଼ିକରେ ସୁନାର ଫସଲ ଫଳୁଥିଲା। ଚାଷୀମାନେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ଅମଳ କରି ପାରୁଥିଲେ। ସେହିପରି ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାର ୩୨ରୁ ଅଧିକ ଗାଁର ଲୋକେ ଏହି ନାଳରେ ସ୍ନାନଶୌଚ ହୋଇପାରୁଥିଲେ। କିନ୍ତୁ ଗତ ପ୍ରାୟ ୫ ବର୍ଷ ହେଲା ଗ୍ରୀଷ୍ମଋତୁରେ ଲିଙ୍ଗରା ନାଳ ଶୁଖିଯାଉଛି। ଚଳିତ ବର୍ଷ ଏହି ନାଳ ଅଧିକ ଶୁଖିଯାଇଥିବା ଦେଖାଯାଇଛି। ଫଳରେ ଅନୁଗୁଳ ସମେତ ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ୍‌ର କିଛି ଅଞ୍ଚଳର ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଡେରେଜାଙ୍ଗ ଜଳ ଭଣ୍ଡାରରୁ କାହିଁକି ଏବେ ପାଣି ଛଡ଼ାଯାଉନାହିଁ ବୋଲି ଜଳ ଭଣ୍ଡାର ଯନ୍ତ୍ରୀ ଜବାହାରଲାଲ୍ ମୁର୍ମୁଙ୍କୁ ପଚାରିବାରୁ ସେ କହିଛନ୍ତି, ବର୍ତ୍ତମାନ ଏହି ଡ୍ୟାମ୍‌ରେ ସ୍ୱାଭାବିକଠାରୁ ଅଧିକ ଜଳ କମିଛି। ଏବେ ଜଳଭଣ୍ଡାରରେ ୨୦୧୮ ହେକ୍ଟୋ ମିଟର ଜଳ ରହିଛି। ତେଣୁ ଏବେ ଡ୍ୟାମ୍‌ରୁ ଜଳ ନିଷ୍କାସନ କରିବା ସମ୍ଭବ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି।

ଦଶମ ପାସ୍ କରିଛନ୍ତି ୧୬ ହଜାର ଛାତ୍ରଛାତ୍ରୀ: ୧୫ ହଜାର ଆସନରେ ହେବ ନାମଲେଖା

ଅନୁଗୁଳ, ୪/୬ (ନି.ପ୍ର): ପ୍ରକାଶ ପାଇଛି ଦଶମ ପରୀକ୍ଷା ଫଳ। ଆରମ୍ଭ ହୋଇଛି କଲେଜ ଖୋଜିବା ପ୍ରକ୍ରିୟା। ଏଥର ପରୀକ୍ଷା ଫଳ ଭଲ ହୋଇଥିବାରୁ ଛାତ୍ରଛାତ୍ରୀଙ୍କୁ ମନ ପସନ୍ଦର କଲେଜ ମିଳିବା ସହଜ ହେବନି। ତଥାପି ପିଲାମାନେ ଗତବର୍ଷର କଟ୍ ଅଫ ମାର୍କକୁ ନଜରରେ ରଖି କେଉଁ କଲେଜ ପାଇଁ ଆବେଦନ କରିବେ ତା'ର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସରକାରୀ ସୂଚନା ଅନୁସାରେ, ଅନୁଗୁଳ ଜିଲ୍ଲାରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅନୁବନ୍ଧିତ ଯୁକ୍ତ ଦୁଇ ଶ୍ରେଣୀ ପାଇଁ ସମୁଦାୟ ୧୪,୯୪୩ଟି ଆସନରେ ନାମଲେଖା ହେବ। ଅନୁଗୁଳ ଜିଲ୍ଲାରେ କଳାରେ ସର୍ବାଧିକ ୭୧୫୧ ଆସନ ରହିଥିଲା ବେଳେ ବିଜ୍ଞାନରେ ୬୬୫୨ଟି ଆସନ ଓ ବାଣିଜ୍ୟରେ ୭୩୬ ଟି ଆସନ ରହିଛି। ସେହିପରି ସଂସ୍କୃତରେ ୧୨୮ ଓ ଧନ୍ଧାମୂଳକ ଶିକ୍ଷାରେ ୨୭୬ଟି ଆସନ ରହିଛି। ତେବେ ବିଜ୍ଞାନରେ ରହିଥିବା ଆସନ ଭିତରେ ବହୁ ଘରୋଇ କଲେଜ ରହିଛି। ଏପଟେ ଏଥର ଅନୁଗୁଳ ଜିଲ୍ଲାରେ ପ୍ରାୟ ୧୬ ହଜାର ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ପାସ୍ କରିଛନ୍ତି। ଏହା ବାଦ୍ ଅନ୍ୟ ବୋର୍ଡରୁ ଛାତ୍ରଛାତ୍ରୀ ଦଶମ ପାସ୍ କରି ଯୁକ୍ତ ଦୁଇରେ ନାମ ଲେଖାଇବାକୁ ଅପେକ୍ଷା କରିଛନ୍ତି। ସେହିପରି ପଡ଼ୋଶୀ ଢେଙ୍କାନାଳ, ଦେବଗଡ଼, ବୌଦ୍ଧ ଜିଲ୍ଲାର ଛାତ୍ରଛାତ୍ରୀ ମଧ୍ୟ ଅନୁଗୁଳ ଜିଲ୍ଲାର କଲେଜଗୁଡ଼ିକୁ ଅଧିକ ପସନ୍ଦ କରନ୍ତି। ଏଣୁ ଏଥର ପିଲାଙ୍କ ଆବଶ୍ୟକତା ଅନୁସାରେ ଆସନ ନିଅଣ୍ଟ ହେବ ବୋଲି ଅନୁମାନ କରାଯାଉଛି। ବିଶେଷକରି ସରକାରୀ କଲେଜଗୁଡ଼ିକରେ ଆସନ ପାଇବା ପାଇଁ ଛାତ୍ରଛାତ୍ରୀଙ୍କ ଭିତରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେବ। ଏପରିକି କିଛି ଛାତ୍ରଛାତ୍ରୀ କୌଣସି କଲେଜରେ ଆସନ ପାଇବା ନେଇ ସନ୍ଦେହ ରହିଛି। ଏପଟେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଯୁକ୍ତ ଦୁଇରେ ନାମଲେଖା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥର ଅନୁଗୁଳ ଜିଲ୍ଲାର ୬୫ଟି କଲେଜରେ ନାମଲେଖା ହେବ। ତେବେ ସବୁଠାରୁ ଅଧିକ ଚାହିଦା ରହିଛି ଅନୁଗୁଳ ସରକାରୀ କଲେଜ, ତାଳଚେର ସରକାରୀ କଲେଜ ଓ ଅନୁଗୁଳ ମହିଳା ମହାବିଦ୍ୟାଳୟର। ସେହିପରି ଉପଖଣ୍ଡର ସଦର ମହକୁମାରେ ରହିଥିବା କଲେଜଗୁଡ଼ିକରେ ପଢ଼ିବା ପାଇଁ ଛାତ୍ରଛାତ୍ରୀ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି। ବିଜ୍ଞାନ ପଢ଼ିବା ପାଇଁ ଘରୋଇ କଲେଜଗୁଡ଼ିକୁ ମଧ୍ୟ ପସନ୍ଦ କରୁଛନ୍ତି ଛାତ୍ରଛାତ୍ରୀ। ଗତବର୍ଷ ଅନୁଗୁଳ ସରକାରୀ କଲେଜରେ ବିଜ୍ଞାନରେ ୮୧.୩୩ ପ୍ରତିଶତ କଟ୍ ଅଫ୍ ମାର୍କ ରହିଥିଲା। ସେହିପରି କଳାରେ ୭୩.୧୭ ଓ ବାଣିଜ୍ୟରେ ୫୭ ପ୍ରତିଶତ କଟ ଅଫ ମାର୍କ ରହିଥିଲା। ଏଥର ଏହା ବଢ଼ିବାର ସମ୍ଭାବନା ରହିଛି।

ଅଘଟଣ ଘଟିଲେ ଚେତିବେ: ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନାହିଁ ବର୍ଣ୍ଣ ୟୁନିଟ୍, ଆଇସିୟୁ

ଅନୁଗୁଳ, ୪/୬ (ନି.ପ୍ର): ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବର୍ଣ୍ଣ ୟୁନିଟ୍ ଖୋଲିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇ ଆସୁଥିବାବେଳେ ତାହା ଏପର୍ଯ୍ୟନ୍ତ ଖୋଲା ଯାଇପାରିନାହିଁ। ପୋଡ଼ାଜଳା ରୋଗୀଙ୍କ ପାଇଁ ଏଠାରେ ଆବଶ୍ୟକ ବେଡ୍ ମଧ୍ୟ ନାହିଁ। ଗୁରୁତର ରୋଗୀଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ବ୍ୟତୀତ ଏଠାରେ ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ। ଅନ୍ୟପକ୍ଷରେ ପୋଡ଼ିହୋଇ ଗୁରୁତର ଅବସ୍ଥାରେ ଆସୁଥିବା ରୋଗୀଙ୍କ ନିମନ୍ତେ ଏଠାରେ ଆଇସିୟୁ ନଥିବାରୁ ଏଭଳି ରୋଗୀଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ସୂଚନା ମୁତାବକ, ଶିଳ୍ପ ସମୃଦ୍ଧ ଅନୁଗୁଳ ଜିଲ୍ଲାରୁ ବିପୁଳ ରାଜସ୍ୱ ଆଦାୟ ହେଉଛି। ଖଣିଖଦାନ ଓ ଶିଳ୍ପରେ ଭରିରହିଥିବା ଏହି ଜିଲ୍ଲା କିନ୍ତୁ ସ୍ୱାସ୍ଥ୍ୟ ସୁବିଧା କ୍ଷେତ୍ରରେ ପଛୁଆ। ଗୁରୁତର ରୋଗୀଙ୍କୁ ଆବଶ୍ୟକ ଚିକିତ୍ସା ଯୋଗାଇବା ପାଇଁ ଏଠି ସେଭଳି ସୁବିଧା ନାହିଁ। ବିଶେଷକରି ଜଳାପୋଡ଼ା ରୋଗୀଙ୍କ ଉପଯୁକ୍ତ ଚିକିତ୍ସା ପାଇଁ ଏଠାରେ ବର୍ଣ୍ଣ ୟୁନିଟ୍ ନାହିଁ। ଜଳାପୋଡ଼ା ରୋଗୀଙ୍କ ଚିକିତ୍ସା ପାଇଁ ଏକ ୱାର୍ଡ ରହିଥିବାବେଳେ ସେଠାରେ ଏକକାଳୀନ ମାତ୍ର ୪ ଜଣ ରହିବାର ବ୍ୟବସ୍ଥା କରାଯାଇଛି। ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉପଯୁକ୍ତ ଚିକିତ୍ସା ପାଇବା ଆଶାରେ ଅନୁଗୁଳ ସମେତ ପଡ଼ୋଶୀ ଢେଙ୍କାନାଳ, ଦେବଗଡ଼, ନୟାଗଡ଼, ବୌଦ୍ଧ ଜିଲ୍ଲା ଅଞ୍ଚଳରୁ ପ୍ରତିଦିନ ରୋଗୀ ଆସୁଛନ୍ତି। କିନ୍ତୁ ଏଠା

ଓଡ଼ିଶା ବିଧାନସଭା ନିର୍ବାଚନ ଫଳାଫଳ

ବିଧାନସଭା ଆସନ	ବିଜୟୀ /ଅଗ୍ରଣୀ	ନିକଟତମ ପ୍ରତିଦ୍ୱନ୍ଦୀ	ଭୋଟ୍ ବ୍ୟବଧାନ
ଆନନ୍ଦପୁର	ଅଭିମନ୍ୟୁ ସେଠୀ(ବିଜେଡି)	ଜୟଦେବ ଜେନା(କଂଗ୍ରେସ)	୧୦,୯୬୬
ଅନୁଗୁଳ	ପ୍ରତାପ ଚନ୍ଦ୍ର ପ୍ରଧାନ (ବିଜେପି)	ସଂଯୁକ୍ତା ସିଂ (ବିଜେଡି)	୧୭,୪୩୩
ଆସ୍କା	ସରୋଜ କୁମାର ପାଢୀ (ବିଜେପି)	ମଞ୍ଜୁଳା ସ୍ୱାଇଁ (ବିଜେଡି)	୮,୦୫୯
ଆଠଗଡ	ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ବିଜେଡି)	ଅଭୟ କୁମାର ବାରିକ (ବିଜେପି)	୩,୫୮୪
ଆଠମଲ୍ଲିକ	ନଳିନୀ କାନ୍ତ ପ୍ରଧାନ(ବିଜେଡି)	ସଂଜୀବ କୁମାର ସାହୁ (ବିଜେପି)	
ଅତାବିରା	ନିହାର ରଂଜନ ମହାନନ୍ଦ(ବିଜେପି)	ସ୍ନେହାଙ୍ଗିନୀ ଛୁରିଆ (ବିଜେଡି)	୨୮,୯୧୦
ଆଳି	ପ୍ରତାପ କେଶରୀ ଦେବ(ବିଜେଡି)	ଦେବସ୍ମିତା ଶର୍ମା(କଂଗ୍ରେସ)	୧୯,୬୨୮
ବଡସାହି	ସନାତନ ବିଜୁଳି (ବିଜେପି)	ଅନୁସୂୟା ପାତ୍ର (ବିଜେଡି)	୩୭,୩୮୭
ବାଲେଶ୍ୱର	ମାନସ କୁମାର ଦତ (ବିଜେପି)	ସ୍ୱରୂପ କୁମାର ଦାସ (ବିଜେଡି)	
ବାଲିଗୁଡା	ଚକ୍ରମଣି କଁହର (ବିଜେଡି)	ଉପେନ୍ଦ୍ର ପ୍ରଧାନ (କଂଗ୍ରେସ)	୧୬୭୧
ବାଲିକୁଦା-ଏରସମା	ସାରଦା ପ୍ରସନ୍ନ ଜେନା(ବିଜେଡି)	ସତ୍ୟ ସାରଥୀ ମହାନ୍ତି (ବିଜେପି)	୨୫,୯୫୯
ବାଙ୍ଗିରିପୋଷି	ସଞ୍ଜଳୀ ମୁର୍ମୁ (ବିଜେପି)	ରଞ୍ଜିତା ମାର୍ଣ୍ଡି (ବିଜେଡି)	୩୪,୪୭୬
ବାଙ୍କୀ	ଦେବୀରଞ୍ଜନ ତ୍ରିପାଠୀ(ବିଜେଡି)	ତୁଷାରକାନ୍ତ ଚକ୍ରବର୍ତୀ(ବିଜେପି)	୧୭,୦୨୬
ବାରବାଟୀ-କଟକ	ସୋଫିଆ ଫିର୍ଦୋସ (କଂଗ୍ରେସ)	ପୂର୍ଣ୍ଣଚନ୍ଦ୍ର ମହାପାତ୍ର (ବିଜେପି)	୮,୦୦୧
ବଡଚଣା	ଅମର କୁମାର ନାୟକ(ବିଜେପି)	ବର୍ଷା ପ୍ରିୟଦର୍ଶିନୀ (ବିଜେଡି)	
ବଡମ୍ବା	ବିଜୟ ଦଳବେହେରା(ସ୍ୱାଧୀନ)	ଦେବୀ ପ୍ରସାଦ ମିଶ୍ର (ବିଜେଡି)	୨୩,୪୭୯
ବରଗଡ	ଅଶ୍ୱିନୀ କୁମାର ଷଡଙ୍ଗୀ(ବିଜେପି)	ଦେବେଶ ଆଚାର୍ଯ୍ୟ(ବିଜେଡି)	୪୭୭୨
ବରୀ	ବିଶ୍ୱ ରଞ୍ଜନ ମଲ୍ଲିକ (ବିଜେଡି)	ଉମେଶ ଚନ୍ଦ୍ର ଜେନା (ବିଜେପି)	୫୧,୪୬୫
ବାରିପଦା	ପ୍ରକାଶ ସୋରେନ୍ (ବିଜେପି)	ସାନନ୍ଦ ମାର୍ଣ୍ଡି (ବିଜେଡି)	
ବସ୍ତା	ସୁବାସିନୀ ଜେନା (ବିଜେଡି)	ବିଜନ ନାୟକ (କଂଗ୍ରେସ)	୨୦,୩୭୭
ବାସୁଦେବପୁର	ଅଶୋକ କୁମାର ଦାସ (କଂଗ୍ରେସ)	ବିଷ୍ଣୁବ୍ରତ ରାଉତରାୟ(ବିଜେଡି)	
ବେଗୁନିଆ	ପ୍ରଦୀପ କୁମାର ସାହୁ (ବିଜେଡି)	ପ୍ରକାଶ ଚନ୍ଦ୍ର ବିଜୁଳି (ବିଜେପି)	୪୭,୮୧୪
ବ୍ରହ୍ମପୁର	କେ. ଅନୀଲ କୁମାର(ବିଜେପି)	ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ(ବିଜେଡି)	
ଭଦ୍ରକ	ସୀତାଂଶୁ ଶେଖର ମହାପାତ୍ର (ବିଜେପି)	ପ୍ରଫୁଲ୍ଲ ସାମଲ (ବିଜେଡି)	୧୬,୦୬୮
ଭଣ୍ଡାରିପୋଖରୀ	ନିରଂଜନ ପଟ୍ଟନାୟକ (କଂଗ୍ରେସ)	ସଂଜୀବ କୁମାର ମଲ୍ଲିକ (ବିଜେଡି)	
ଭଂଜନଗର	ପ୍ରଦ୍ୟୁମ୍ନ କୁମାର ନାୟକ (ବିଜେପି)	ବିକ୍ରମ କେଶରୀ ଆରୁଖ (ବିଜେଡି)	୧୬,୩୨୪
ଭଟଲି	ଇରାଶିଷ ଆଚାର୍ଯ୍ୟ (ବିଜେପି)	ସୁଶାନ୍ତ ସିଂହ (ବିଜେଡି)	୨୭,୮୯୨
ଭବାନୀପାଟଣା	ସାଗର ଚରଣ ଦାସ (କଂଗ୍ରେସ)	ପ୍ରଦୀପ୍ତ ନାଏକ (ବିଜେପି)	୧୩,୭୪୧
ଭୋଗରାଇ	ଫଗୌତମ ବୁଦ୍ଧ ଦାସ (ବିଜେଡି)	ସତ୍ୟଶିବ ଦାସ (କଂଗ୍ରେସ)	୬,୫୬୪
ଭୁବନେଶ୍ୱର (ମଧ୍ୟ)	ଅନନ୍ତ ନାରାୟଣ ଜେନା(ବିଜେଡି)	ଜଗନ୍ନାଥ ପ୍ରଧାନ (ବିଜେପି)	
ଭୁବନେଶ୍ୱର(ଉତର)	ସୁଶାନ୍ତ କୁମାର ରାଉତ(ବିଜେଡି)	ପ୍ରିୟଦର୍ଶୀ ମିଶ୍ର (ବିଜେପି)	୧୧,୩୪୩
ବିଜେପୁର	ସନତ କୁମାର ଗଡତିଆ (ବିଜେପି)	ରୀତା ସାହୁ(ବିଜେଡି)	୧୦,୦୬୬
ବିଞ୍ଝାରପୁର	ପ୍ରମିଳା ମଲ୍ଲିକ(ବିଜେଡି)	ବବିତା ମଲ୍ଲିକ (ବିଜେପି)	୨,୮୫୬
ବୀରମିତ୍ରପୁର	ରୋହିତ ଜୋଶେଫ ତିର୍କୀ(ବିଜେଡି)	ଶଙ୍କର ଓରାମ (ବିଜେପି)	୬,୮୮୪
ବୀରମହାରାଜପୁର	ରଘୁନାଥ ଜଗଦଳା(ବିଜେପି)	ପଦ୍ମନାଭ ବେହେରା(ବିଜେଡି)	୨୧,୯୪୬
ବିଷମକଟକ	ନୀଳମାଧମ ହିକକା (କଂଗ୍ରେସ)	ଜଗନ୍ନାଥ ସାରକା (ବିଜେଡି)	୯୪୦୩
ବଲାଙ୍ଗିର	ସମରେନ୍ଦ୍ର ମିଶ୍ର(କଂଗ୍ରେସ)	କଳିକେଶ ନାରାୟଣ ସିଂଦେଓ(ବିଜେଡି)	
ବଣାଇ	ଲକ୍ଷ୍ମଣ ମୁଣ୍ଡା(ସିପିଆଇଏମ୍)	ଭୀମସେନ ଚୌଧୁରୀ(ବିଜେଡି)	
ବୌଦ୍ଧ	ସରୋଜ କୁମାର ପ୍ରଧାନ(ବିଜେପି)	ପ୍ରଦୀପ କୁମାର ଅମାତ(ବିଜେଡି)	୨,୭୬୫
ବ୍ରହ୍ମଗିରି	ଉପାସନା ମହାପାତ୍ର(ବିଜେପି)	ଉମାକାନ୍ତ ସାମନ୍ତରାୟ(ବିଜେଡି)	୯୮୩୦
ବ୍ରଜରାଜନଗର	ସୁରେଶ ପୂଜାରୀ(ବିଜେପି)	ଅଳକା ମହାନ୍ତି (ବିଜେଡି)	୨୬,୭୮୯
ଚମ୍ପୁଆ	ସନାତନ ମହାକୁଡ(ବିଜେଡି)	ମୂରଲୀ ମନୋହର ଶର୍ମା (ବିଜେପି)	୩୯,୯୯୪
ଚାନ୍ଦବାଲି	ବ୍ୟୋମକେଶ ରାୟ(ବିଜେଡି)	ମନମୋହନ ସାମଲ(ବିଜେପି)	
ଛତ୍ରପୁର	କୃଷ୍ଣଚନ୍ଦ୍ର ନାୟକ(ବିଜେପି)	ସୁବାଷ ଚନ୍ଦ୍ର ବେହେରା (ବିଜେପି)	
ଛେଣ୍ଡିପଦା	ଅଗସ୍ତି ବେହେରା(ବିଜେପି)	ସୁଶାନ୍ତ ବେହେରା(ବିଜେଡି)	୧୫,୦୬୩
ଚିକିଟି	ଚିନ୍ମୟାନନ୍ଦ ଶ୍ରୀରୂପ ଦେବ(ବିଜେଡି)	ମନୋରଂଜନ ଦ୍ୟାନସାମନ୍ତରାୟ(ବିଜେପି)	
ଚିଲିକା	ପୃଥ୍ୱୀରାଜ ହରିଚନ୍ଦନ(ବିଜେପି)	ରଘୁନାଥ ସାହୁ (ବିଜେଡି)	୪,୫୬୬
ଚିତ୍ରକୋଣ୍ଡା	ମଙ୍ଗୁ ଖିଲ(କଂଗ୍ରେସ)	ଡମ୍ବରୁ ସୀସା (ବିଜେପି)	୯,୧୫୯
ଚୌଦ୍ୱାର-କଟକ	ସୌଭିକ ବିଶ୍ୱାଳ(ବିଜେଡି)	ନୟନ କିଶୋର ମହାନ୍ତି(ବିଜେପି)	୧୭,୮୧୬
କଟକ-ସଦର	ପ୍ରକାଶ ଚନ୍ଦ୍ର ସେଠୀ(ବିଜେପି)	ଚନ୍ଦ୍ର ସାରଥୀ ବେହେରା(ବିଜେଡି)	୩,୮୦୯
ଡାବୁଗାଁ	ମନୋହର ରନ୍ଧାରୀ(ବିଜେଡି)	ଲିପିକା ମାଝୀ(କଂଗ୍ରେସ)	୨୧,୪୫୫
ଦଶପଲ୍ଲା	ରମେଶ ଚନ୍ଦ୍ର ବେହେରା(ବିଜେଡି)	ରାଘବ ମଲ୍ଲିକ (ବିଜେପି)	୬,୨୯୬
ଦେବଗଡ	ରୋମାଂଚ ରଂଜନ ବିଶ୍ୱାଳ(ବିଜେଡି)	ସୁବାଶ ଚନ୍ଦ୍ର ପାଣିଗ୍ରାହୀ(ବିଜେପି)	୧୫,୭୯୨
ଧାମନଗର	ସୂର୍ଯ୍ୟବଂଶୀ ସୂରଜ(ବିଜେପି)	ସଂଜୟ କୁମାର ଦାସ (ବିଜେଡି)	
ଧର୍ମଗଡ	ସୁଧୀର ରଂଜନ ପାଟ୍ଟଯୋଶୀ(ବିଜେପି)	ପୁଷ୍ପେନ୍ଦ୍ର ସିଂହଦେଓ (ବିଜେଡି)	୧୮,୯୨୭
ଧର୍ମଶାଳା	ହିମାଂଶୁ ଶେଖର ସାହୁ (ସ୍ୱାଧୀନ)	ପ୍ରଣବ ବଳବନ୍ତରାୟ(ବିଜେଡି)	୪,୧୫୦
ଢେଙ୍କାନାଳ	କୃଷ୍ଣଚନ୍ଦ୍ର ପାତ୍ର (ବିଜେପି)	ସୁଧୀର କୁମାର ସାମଲ (ବିଜେଡି)	
ଦିଗପହଣ୍ଡି	ସିଦ୍ଧାନ୍ତ ମହାପାତ୍ର (ବିଜେପି)	ବିପ୍ଳବ ପାତ୍ର (ବିଜେଡି)	
ଏକାମ୍ର-ଭୁବନେଶ୍ୱର	ବାବୁ ସିଂ(ବିଜେପି)	ଅଶୋକ ଚନ୍ଦ୍ର ପଣ୍ଡା(ବିଜେଡି)	
ଜି.ଉଦୟଗିରି	ମାନଗୋବିନ୍ଦ ପ୍ରଧାନ (ବିଜେପି)	ସାଲୁଗା ପ୍ରଧାନ (ବିଜେଡି)	
ଘସିପୁରା	ବଦ୍ରିନାରାୟଣ ପାତ୍ର (ବିଜେଡି)	ସୌମ୍ୟ ରଂଜନ ପଟ୍ଟନାୟକ(ସ୍ୱାଧୀନ)	୧୩,୮୧୧
ଗୋପାଳପୁର	ବିଭୂତି ଭୂଷଣ ଜେନା (ବିଜେପି)	ବିକ୍ରମ କୁମାର ପଣ୍ଡା (ବିଜେଡି)	
ଗୁଣ୍ଡୁପୁର	ସତ୍ୟଜିତ ଗମାଙ୍ଗୋ(କଂଗ୍ରେସ)	ରଘୁନାଥ ଗମାଙ୍ଗୋ (ବିଜେଡି)	୨୯,୮୮୫
ହିନ୍ଦୋଳ	ସୀମାରାଣୀ ନାୟକ(ବିଜେପି)	ମହେଶ ସାହୁ(ବିଜେଡି)	୧୧,୮୨୭
ହିଞ୍ଜିଳି	ନବୀନ ପଟ୍ଟନାୟକ(ବିଜେଡି)	ଶିଶିର କୁମାର ମିଶ୍ର (ବିଜେପି)	
ଜଗତସିଂହପୁର	ଅମରେନ୍ଦ୍ର ଦାସ(ବିଜେପି)	ପ୍ରଶାନ୍ତ ମୁଦୁଲି(ବିଜେଡି)	
ଯାଜପୁର	ସୁଜାତା ସାହୁ(ବିଜେଡି)	ଗୌତମ ରାୟ(ବିଜେପି)	
ଜଳେଶ୍ୱର	ଅଶ୍ୱିନୀ କୁମାର ପାତ୍ର(ବିଜେଡି)	ବ୍ରଜମୋହନ ପ୍ରଧାନ(ବିଜେପି)	୩୧୯
ଯଶୀପୁର	ଗଣେଶରାମ ସିଂ ଖୁଂଟିଆ(ବିଜେପି)	ଚକ୍ରଧର ହେମ୍ବ୍ରମ (ବିଜେପି)	୩୪,୬୬୭
ଜଟଣୀ	ବିଭୂତି ବଳବନ୍ତରାୟ(ବିଜେଡି)	ବିଶ୍ୱରଂଜନ ବଡଜେନା(ବିଜେପି)	୨୫,୨୨୧
ଜୟଦେବ	ନବ କିଶୋର ମଲ୍ଲିକ (ବିଜେଡି)	ଅରବିନ୍ଦ ଢାଲି(ବିଜେପି)	୨୧,୪୭୩
ଜୟପୁର	ତାରା ପ୍ରସାଦ ବାହିନୀପତି(କଂଗ୍ରେସ)	ଇନ୍ଦିରା ନନ୍ଦ(ବିଜେଡି)	୧୩,୧୧୧
ଝରିଗାଁ	ନରସିଂହ ଭତ୍ରା(ବିଜେପି)	ରମେଶ ଚନ୍ଦ୍ର ମାଝୀ(ବିଜେଡି)	୩,୨୭୮
ଝାରସୁଗୁଡା	ଟଙ୍କଧର ତ୍ରିପାଠୀ(ବିଜେପି)	ଦିପାଳୀ ଦାସ(ବିଜେଡି)	୧୩୩୩
ଜୁନାଗଡ	ମନୋଜ ମେହେର(ବିଜେପି)	ଦିବ୍ୟ ଶଙ୍କର ମିଶ୍ର(ବିଜେଡି)	
କବିସୂର୍ଯ୍ୟନଗର	ପ୍ରତାପ ଚନ୍ଦ୍ର ନାୟକ(ବିଜେପି)	ଲତିକା ପ୍ରଧାନ (ବିଜେଡି)	
କାକଟପୁର	ତୁଷାରକାନ୍ତି ବେହେରା(ବିଜେଡି)	ବାଇଧର ମଲ୍ଲିକ (ବିଜେପି)	୨୩,୧୫୧
କାମାକ୍ଷାନଗର	ଶତ୍ରୁଘ୍ନ ଜେନା(ବିଜେପି)	ପ୍ରଫୁଲ୍ଲ ମଲ୍ଲିକ (ବିଜେଡି)	
କଂଟାବାଞ୍ଜି	ଲକ୍ଷ୍ମଣ ବାଗ (ବିଜେପି)	ନବୀନ ପଟ୍ଟନାୟକ (ବିଜେଡି)	
କଂଟାମାଳ	କହ୍ନାଇ ଚରଣ ଡାଙ୍ଗ(ବିଜେପି)	ମହୀଧର ରଣା(ବିଜେଡି)	୭,୧୪୯
କରଂଜିଆ	ପଦ୍ମଚରଣ ହଇବୁରୁ (ବିଜେପି)	ବାସନ୍ତୀ ହେମ୍ବ୍ରମ (ବିଜେଡି)	୯୪୯୯(ବିଜୟୀ)
କେନ୍ଦ୍ରାପଡା	ଗଣେଶ୍ୱର ବେହେରା (ବିଜେଡି)	ଗୀତାଂଜଳି ସେଠୀ (ବିଜେପି)	୩୫୧୫୦(ଅଗ୍ରଣୀ)
କେନ୍ଦୁଝର	ମୋହନ ଚରଣ ମାଝୀ (ବିଜେପି)	ମୀନା ମାଝି (ବିଜେଡି)	୧୫୭୭(ବିଜୟୀ)
ଖଲ୍ଲିକୋଟ	ପୂର୍ଣ୍ଣଚନ୍ଦ୍ର ସେଠୀ (ବିଜେପି)	ସୌଦାମିନୀ ବୈଦ୍ୟ (ବିଜେଡି)	୨୩୦୫୭(ବିଜୟୀ)
ଖଣ୍ଡପଡା	ଦୁଷ୍ମନ୍ତ କୁମାର ସ୍ୱାଇଁ (ବିଜେପି)	ସାବିତ୍ରୀ ପ୍ରଧାନ (ବିଜେଡି)	୭୩୪୩(ବିଜୟୀ)
ଖରିଆର	ଅଧିରାଜ ପାଣିଗ୍ରାହୀ (ବିଜେଡି)	ହିତେଶ କୁମାର ବଗର୍ତ୍ତୀ (ବିଜେପି)	୯୬୧୮(ବିଜୟୀ)
ଖୋର୍ଦ୍ଧା	ପ୍ରଶାନ୍ତ କୁମାର ଜଗଦ୍ଦେବ(ବିଜେପି)	ରାଜେନ୍ଦ୍ର କୁମାର ସାହୁ (ବିଜେଡି)	୮୫୯୮(ବିଜୟୀ)
କୋରାପୁଟ	ରଘୁରାମ ମାଛ (ବିଜେପି)	ରଘୁରାମ ପଡାଲ (ବିଜେଡି)	୨୫୨୪(ଅଗ୍ରଣୀ)
କୋରେଇ	ଆକାଶ ଦାସନାୟକ (ବିଜେପି)	ସନ୍ଧ୍ୟାରାଣୀ ଦାସ (ବିଜେଡି)	୩୮୭୨(ଅଗ୍ରଣୀ)
କୋଟପାଡ	ରୂପା ଭର୍ତ୍ତା (ବିଜେପି)	ଚନ୍ଦ୍ରଶେଖର ମାଝୀ (ବିଜେଡି)	୫୯୨୧(ଅଗ୍ରଣୀ)
କୁଚିଣ୍ଡା	ରବି ନାରାୟଣ ନାଏକ (ବିଜେପି)	ରାଜେନ୍ଦ୍ର କୁମାର ଛତ୍ରିଆ (ବିଜେଡି)	୩୨୨୨୦(ବିଜୟୀ)
ଲକ୍ଷ୍ମୀପୁର	ପବିତ୍ର ସୌନ୍ତା (କଂଗ୍ରେସ)	ପ୍ରଭୁ ଜାନି (ବିଜେଡି)	୨୧୨୬୨(ଅଗ୍ରଣୀ)
ଲାଂଜିଗଡ	ପ୍ରଦୀପ କୁମାର ଦିସାରୀ(ବିଜେଡି)	ବଳଭଦ୍ର ମାଝୀ(କଂଗ୍ରେସ)	୬୫୦୧(ବିଜୟୀ)
ଲୋଇସିଂହା	ମୁକେଶ ମହାଲିଙ୍ଗ(ବିଜେପି)	ନିହାର ରଂଜନ ବେହେରା (ବିଜେଡି)	୧୯୬୮୮(ଅଗ୍ରଣୀ)
ମହାକାଳପଡା	ଦୁର୍ଗା ପ୍ରସନ୍ନ ନାୟକ(ବିଜେପି)	ଅତନୁ ସବ୍ୟସାଚୀ ନାୟକ(ବିଜେଡି)	୨୮୦୯୦(ଅଗ୍ରଣୀ)
ମାହାଙ୍ଗା	ଶାରଦା ପ୍ରସାଦ ପଧାନ(ସ୍ୱାଧୀନ)	ଅଙ୍କିତ ପ୍ରତାପ ଜେନା (ବିଜେଡି)	୭୫୬୪(ଅଗ୍ରଣୀ)
ମାଲକାନଗିରି	ନରସିଂହ ମାଡକାମୀ(ବିଜେପି)	ମାଲା ମାଢୀ (କଂଗ୍ରେସ)	୧୪୮୯୦(ବିଜୟୀ)
ମୋହନା	ଦାଶରଥି ଗମାଙ୍ଗୋ(କଂଗ୍ରେସ)	ପ୍ରଶାନ୍ତ କୁମାର ମଲ୍ଲିକ(ବିଜେପି)	୧୨୪୬୧(ଅଗ୍ରଣୀ)
ମୋରଡା	ଡ.କୃଷ୍ଣଚନ୍ଦ୍ର ମହାପାତ୍ର(ବିଜେପି)	ପ୍ରୀତିନନ୍ଦା କାନୁନଗୋ (ବିଜେଡି)	୩୨୨୯୪(ଅଗ୍ରଣୀ)
ନବରଙ୍ଗପୁର	ଗୌରୀଶଙ୍କର ମାଝୀ (ବିଜେପି)	କୌଶଲ୍ୟା ପ୍ରଧାନୀ(ବିଜେଡି)	୨୫୦୯୪(ଅଗ୍ରଣୀ)
ନର୍ଲା	ମନୋରମା ମହାନ୍ତି(ବିଜେଡି)	ଭକ୍ତଚରଣ ଦାସ(କଂଗ୍ରେସ)	୫୨୦୫(ବିଜୟୀ)
ନୟାଗଡ	ଅରୁଣ କୁମାର ସାହୁ(ବିଜେଡି)	ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ(ବିଜେପି)	୪୩୯(ବିଜୟୀ)
ନିଆଳି	ଛବି ମଲ୍ଲିକ(ବିଜେପି)	ଡ.ପ୍ରମୋଦ କୁମାର ମଲ୍ଲିକ(ବିଜେଡି)	୧୦୮୭(ଅଗ୍ରଣୀ)
ନୀଳଗିରି	ସନ୍ତୋଷ ଖଟୁଆ(ବିଜେପି)	ସୁକାନ୍ତ କୁମାର ନାୟକ(ବିଜେଡି)	୧୯୮୩୯(ଅଗ୍ରଣୀ)
ନିମାପଡା	ପ୍ରଭାତୀ ପରିଡା(ବିଜେପି)	ଦିଲ୍ଲୀପ କୁମାର ନାୟକ(ବିଜେଡି)	୪୪୫୮(ଅଗ୍ରଣୀ)
ନୂଆପଡା	ରାଜେନ୍ଦ୍ର ଢୋଲକିଆ(ବିଜେଡି)	ଘାସିରାମ ମାଝୀ(ସ୍ୱାଧୀନ)	୧୦୮୮୧(ବିଜୟୀ)
ପଦମପୁର	ବର୍ଷାସିଂହ ବରିହା(ବିଜେଡି)	ଗୋବର୍ଦ୍ଧନ ଭୋଇ(ବିଜେପି)	୧୦୯୯୩(ଅଗ୍ରଣୀ)
ପାଲଲହଡା	ଅଶୋକ ମହାନ୍ତି(ବିଜେପି)	ମୁକେଶ ପାଲ(ବିଜେଡି)	୭୫୬୩(ବିଜୟୀ)
ପାରାଦୀପ	ସଂପଦ ଚନ୍ଦ୍ର ସ୍ୱାଇଁ(ବିଜେପି)	ଗୀତାଂଜଳି ରାଉତରାୟ(ବିଜେଡି)	୧୫୬୧୯(ଅଗ୍ରଣୀ)
ପାରଳାଖେମୁଣ୍ଡି	ବିଜୟ ପଟ୍ଟନାୟକ(କଂଗ୍ରେସ)	ରୂପେଶ ପାଣିଗ୍ରାହୀ(ବିଜେଡି)	୩୮୨୦(ଅଗ୍ରଣୀ)
ପରଜଙ୍ଗ	ବିଭୂତି ଭୂଷଣ ପ୍ରଧାନ(ବିଜେପି)	ଡ.ନୃସିଂହ ଚରଣ ସାହୁ(ବିଜେଡି)	୨୭୯୨୬(ଅଗ୍ରଣୀ)
ପାଟକୁରା	ଅରବିନ୍ଦ ମହାପାତ୍ର(ବିଜେଡି)	ତେଜେଶ୍ୱର ପରିଡା(ବିଜେପି)	୮୦୪୫(ଅଗ୍ରଣୀ)
ପାଟଣା	ଅଖିଳ ଚନ୍ଦ୍ର ନାୟକ(ବିଜେପି)	ଜଗନ୍ନାଥ ନାଏକ(ବିଜେଡି)	୩୬୫୨୩(ଅଗ୍ରଣୀ)
ପାଟଣାଗଡ	କନକବର୍ଦ୍ଧନ ସିଂହଦେଓ(ବିଜେପି)	ସରୋଜ କୁମାର ମେହେର(ବିଜେଡି)	୧୧୬୧(ଅଗ୍ରଣୀ)
ଫୁଲବାଣୀ	ଉମା ଚରଣ ମଲ୍ଲିକ(ବିଜେପି)	ଜୟଶ୍ରୀ କହଁର(ବିଜେଡି)	୨୮୫୮(ଅଗ୍ରଣୀ)
ପିପିଲି	ଆଶ୍ରିତ ପଟ୍ଟନାୟକ(ବିଜେପି)	ରୁଦ୍ର ମହାରଥୀ(ବିଜେଡି)	୧୫୧୬୨(ବିଜୟୀ)
ପୋଲସରା	ଗୋକୁଳାନନ୍ଦ ମଲ୍ଲିକ(ବିଜେପି)	ଶ୍ରୀକାନ୍ତ ସାହୁ(ବିଜେଡି)	୨୦୨୮୮(ଅଗ୍ରଣୀ)
ପଟାଙ୍ଗି	ରାମଚନ୍ଦ୍ର କଦମ(କଂଗ୍ରେସ)	ପ୍ରଫୁଲ କୁମାର ପାଙ୍ଗୀ(ବିଜେଡି)	୧୯୧୯(ଅଗ୍ରଣୀ)
ପୁରୀ	ସୁନୀଲ କୁମାର ମହାନ୍ତି(ବିଜେଡି)	ଜୟନ୍ତ ଷଡଙ୍ଗୀ(ବିଜେପି)	୫୧୭୮(ବିଜୟୀ)
ରଘୁନାଥପଲି	ଦୁର୍ଗାଚରଣ ତନ୍ତୀ (ବିଜେପି)	ଅର୍ଚ୍ଚନା ରେଖା ବେହେରା(ବିଜେଡି)	୫୭୭୪(ବିଜୟୀ)
ରେଢାଖୋଲ	ପ୍ରସନ୍ନ ଆଚାର୍ଯ୍ୟ(ବିଜେଡି)	ଦେବେନ୍ଦ୍ର ମହାପାତ୍ର(ବିଜେପି)	୪୯୬୦(ବିଜୟୀ)
ରାଇରଙ୍ଗପୁର	ଜଲେନ ନାଏକ(ବିଜେପି)	ରାଇସେନ ମୁର୍ମୁ(ବିଜେଡି)	୭୬୯୩(ଅଗ୍ରଣୀ)
ରାଜନଗର	ଧ୍ରୁବଚରଣ ସାହୁ(ବିଜେଡି)	ଲଳିତ କୁମାର ବେହେରା(ବିଜେପି)	୧୭୦୮୪(ଅଗ୍ରଣୀ)
ରାଜଗାଙ୍ଗପୁର	ସି.ଏସ ରଜିନ ଏକ୍କା (କଂଗ୍ରେସ)	ଅନିଲ ବରୁଆଁ(ବିଜେଡି)	୧୦୧୮୪(ଅଗ୍ରଣୀ)
ରଣପୁର	ସୁରମା ପାଢି(ବିଜେପି)	ସତ୍ୟ ନାରାୟଣ ପ୍ରଧାନ(ବିଜେଡି)	୧୫୫୪୪(ବିଜୟୀ)
ରାୟଗଡା	କଦର୍କା ଅପାଲ ସ୍ୱାମୀ(କଂଗ୍ରେସ)	ଅନୁସୂୟା ମାଝୀ(ବିଜେଡି)	୧୯୯୪୦(ଅଗ୍ରଣୀ)
ରେମୁଣା	ଗୋବିନ୍ଦ ଚନ୍ଦ୍ର ଦାସ(ବିଜେପି)	ବିଦ୍ୟାସ୍ମିତା ମାହାଳିକ(ବିଜେଡି)	୨୪୦୮୩(ଅଗ୍ରଣୀ)
ରେଙ୍ଗାଲି	ସୁଦର୍ଶନ ହରିପାଲ(ବିଜେଡି)	ନାଉରୀ ନାୟକ(ବିଜେପି)	୩୨୧୨(ବିଜୟୀ)
ରାଉରକେଲା	ସାରଦା ପ୍ରସାଦ ନାଏକ(ବିଜେଡି)	ଦିଲ୍ଲୀପ କୁମାର ରାୟ(ବିଜେପି)	୩୫୫୨(ବିଜୟୀ)
ସାଲେପୁର	ପ୍ରଶାନ୍ତ ବେହେରା(ବିଜେଡି)	ଅରିନ୍ଦମ ରାୟ(ବିଜେପି)	୭୫୯୪(ଅଗ୍ରଣୀ)
ସମ୍ବଲପୁର	ଜୟ ନାରାୟଣ ମିଶ୍ର(ବିଜେପି)	ରୋହିତ ପୂଜାରୀ(ବିଜେଡି)	୪୧୦୫(ବିଜୟୀ)
ସାନଖେମୁଣ୍ଡି	ରମେଶ ଚନ୍ଦ୍ର ଜେନା(କଂଗ୍ରେସ)	ସୁଲକ୍ଷଣା ଗୀତାଂଜଳି ଦେବୀ(ବିଜେଡି)	୧୦୬୬୨(ଅଗ୍ରଣୀ)
ସାରସକଣା	ଭଦଭ ହାସଁଦା(ବିଜେପି)	ଦେବାଶିଷ ମାରାଣ୍ଡି(ବିଜେଡି)	୧୨୬୩୮(ଅଗ୍ରଣୀ)
ସତ୍ୟବାଦୀ	ଓମ୍ ପ୍ରକାଶ ମିଶ୍ର(ବିଜେପି)	ସଂଜୟ କୁମାର ଦାସବର୍ମା(ବିଜେଡି)	୧୭୭୦୮(ଅଗ୍ରଣୀ)
ସିମୁଳିଆ	ପଦ୍ମ ଲୋଚନ ପଣ୍ଡା(ବିଜେପି)	ସୁଭାସିନୀ ସାହୁ(ବିଜେଡି)	୧୩୦୪୭(ଅଗ୍ରଣୀ)
ସୋନପୁର	ନିରଂଜନ ପୂଜାରୀ(ବିଜେଡି)	ପ୍ରମୋଦ କୁମାର ମହାପାତ୍ର(ବିଜେପି)	୧୫୧୨୧(ଅଗ୍ରଣୀ)
ସୋର	ମାଧବ ଧଡା(ବିଜେଡି)	ପର୍ଶୁରାମ ଧଡା(ବିଜେପି)	୮୦୬(ଅଗ୍ରଣୀ)
ସୁକିନ୍ଦା	ପ୍ରଦୀପ ବଳ ସାମନ୍ତ(ବିଜେପି)	ପ୍ରୀତିରଂଜନ ଘଡେଇ(ବିଜେଡି)	୨୬୮୫(ଅଗ୍ରଣୀ)
ସୁନ୍ଦରଗଡ	ଯୋଗେଶ କୁମାର ସିଂହ(ବିଜେଡି)	କୁସୁମ ଟେଟେ(ବିଜେପି)	୯୧୨୨(ଅଗ୍ରଣୀ)
ସୋରଡା	ନୀଳମଣି ବିଷୋଇ(ବିଜେପି)	ସଂଘମିତ୍ରା ସ୍ୱାଇଁ(ବିଜେଡି)	୨୮୨୨୪(ଅଗ୍ରଣୀ)
ତାଳଚେର	ବ୍ରଜକିଶୋର ପ୍ରଧାନ(ବିଜେଡି)	କାଳନ୍ଦି ଚରଣ ସାମଲ(ବିଜେପି)	୩୨୧୨୨(ବିଜୟୀ)
ତଳସରା	ଭବାନୀ ଶଙ୍କର ଭୋଇ(ବିଜେପି)	ବିନୟ ଟପ୍ପୋ(ବିଜେଡି)	୧୭୧୮୯(ବିଜୟୀ)
ତେଲକୋଇ	ଡ.ଫକୀର ମୋହନ ନାଏକ(ବିଜେପି)	ମାଧବ ସର୍ଦ୍ଦାର(ବିଜେଡି)	୯୪୩୯(ବିଜୟୀ)
ତିର୍ତ୍ତୋଲ	ରମାକାନ୍ତ ଭୋଇ(ବିଜେଡି)	ରାଜକିଶୋର ବେହେରା(ବିଜେପି)	୨୮୪୯୫(ଅଗ୍ରଣୀ)
ଟିଟିଲାଗଡ	ନବୀନ କୁମାର ଜୈନ(ବିଜେପି)	ଟୁକୁନି ସାହୁ(ବିଜେଡି)	୧୭୩୯୯(ବିଜୟୀ)
ଉଦଳା	ଭାସ୍କର ମଢେଇ

ବୁଧବାର, ଜୁନ୍ ୫, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ବଡ଼ସାହି ପୂର୍ବତନ ବିଧାୟକ ସନାତନ ବିଜୁଳି ବହୁ ଭୋଟରେ ଜିତିଲେ

ବେତନଟୀ , ୪/୬ (ନି.ପ୍ର): ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥୀ ସନାତନ ବିଜୁଳି ପୁନଃ ନିର୍ବାଚିତ ହୋଇଥିବା ବେଳେ ବୈଶିଙ୍ଗା ଅଞ୍ଚଳରେ ରୋଚକ ପରିସ୍ଥିତି ଦେଖିବାକୁ ମିଳୁଛି । ଏହି ବିଜୟରେ ଭାଜପା କର୍ମକର୍ତ୍ତାଙ୍କ ଠାରୁ ଅଧିକ ଉତ୍ସାହିତ ବିଜେଡ଼ି କର୍ମୀ ମାନେ ହେଉଥିବା ସହ ଆତସବାଜି ଓ ମିଠା ବଣ୍ଟନ କରି ସେମାନେ ଧୁମଧାମରେ ପାଳନ କରୁଥିବା ଲକ୍ଷ କରାଯାଉଛି । ମୋଟ୍ ୭ ଜଣ ପ୍ରାର୍ଥୀ ନାମାଙ୍କନ କରିଥିବା ବେଳେ ମୂଖ୍ୟତଃ ଭାଜପାର ସନାତନ ଓ ବିଜେଡ଼ିର ଅନସୂୟା ପାତ୍ର ଙ୍କ ମଧ୍ୟରେ ଦ୍ୱିମୁଖି ପ୍ରତିଦ୍ୱନ୍ଦିତା ହେଉଥିଲା । ତେବେ ନିର୍ବାଚନ କମିଶନଙ୍କ ଘୋଷଣା ଅନୁଯାୟୀ ସନାତନ ବିଜୁଳିଙ୍କ ସପକ୍ଷରେ ୮୨୭୭୯ ଖଣ୍ଡ ଭୋଟ ଯାଇଥିବା ବେଳେ ଶାସକ ବିଜେଡ଼ି ପ୍ରାର୍ଥୀନୀଙ୍କ ସପକ୍ଷରେ ୪୫୭୦୪ ଖଣ୍ଡ ଯାଇଛି । ୩୭୦୭୫ ଖଣ୍ଡ ଭୋଟ ବ୍ୟବଧାନରେ ସନାତନ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଅନସୂୟା ପାତ୍ରଙ୍କୁ ପରାସ୍ତ କରିଥିବା ବେଳେ ଉତ୍ସବ ମନାଇଛନ୍ତି ବିଜେଡ଼ି ଅସନ୍ତୁଷ୍ଟ ବିଦ୍ରୋହୀ ଗୋଷ୍ଠୀ । ସୂଚନାଯୋଗ୍ୟ ଯେ ଦୁଇ ମାସ ତଳେ ବେତନଟୀ ବ୍ଲକ ଅଞ୍ଚଳର ଏକ ବଡ଼ ଗୋଷ୍ଠୀ ଭୁବନେଶ୍ୱର ଯାଇ ବିଜେଡ଼ି ହାଇକମାଣ୍ଡଙ୍କୁ ବଡ଼ସାହି କ୍ଷେତ୍ରରୁ ଗଣେଶ୍ୱରଙ୍କୁ କିମ୍ବା ତାଙ୍କ ପରିବାରରୁ କାହାରିକୁ ଟିକେଟ ନଦେବା ପାଇଁ ଚେତାବନୀ ଦେଇଥିଲେ । ମାତ୍ର ଚଳିତ ନିର୍ବାଚନ ରେ ଦଳ ପକ୍ଷରୁ ଗଣେଶ୍ୱର ପାତ୍ରଙ୍କ ଧର୍ମପତ୍ନୀ ଅନସୂୟାଙ୍କୁ ଟିକେଟ ଦେଇ ଦଳୀୟ ଅସନ୍ତୋଷର ପ୍ରଶମନ ସହ ମହିଳା ଭୋଟରଙ୍କ ଆସ୍ଥା ଜିଣିପାରିବ ବୋଲି ମନେ କରିଥିଲା । ହେଲେ ଫଳ ହେଲା ଓଲଟା । ଦଳୀୟ କର୍ମକର୍ତ୍ତାଙ୍କ ଅସହଯୋଗ ଯୋଗୁଁ ଦଳକୁ ବିପର୍ଯ୍ୟୟର ସାମନା କରିବାକୁ ପଡ଼ିଲା ବୋଲି ତଥ୍ୟାଭିଜ୍ଞ ମହଲରୁ ପ୍ରକାଶ ।

ନୀଳଗିରିରେ ପଦ୍ମର ବିଶାଳ ବିଜୟ



ନୀଳଗିରି, ୪/୬ (ନି.ପ୍ର): ସମଗ୍ର ରାଜ୍ୟରେ ମୋଦିଙ୍କ ଲହର ଘୂର୍ଣ୍ଣି ବାତ୍ୟାର ରୂପ ନେଇଛି । ପରିବର୍ତ୍ତନର ପ୍ରଚଣ୍ଡ ବାତ୍ୟା ଶଙ୍ଖଦଳକୁ ଧରାଶାୟୀ କରିଥିବା ବେଳେ, ସାରା ରାଜ୍ୟରେ ପଦ୍ମ ଖିଲିଖିଲି ହୋଇ ହସୁଥିବା ଦେଖାଯାଇଛି । ସେହି କ୍ରମରେ ନୀଳଗିରି ବିଧାନସଭାର ବିଜୟୀ ବ୍ୟବଧାନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଦୁଇ ଦଳରୁ ଦୁଇ ଦୁଇଥର ବିଧାୟକ ସୁକାନ୍ତ ନାୟକ, ପଦ୍ମ ଲହରରେ ତାଙ୍କ ସତ୍ତା ହରାଇଥିବା ଦେଖିବାକୁ ମିଳିଛି । ଚଳିତ ନିର୍ବାଚନରେ ବିଜେପିରୁ ନିର୍ବାଚନ ଲଢୁଥିବା ସନ୍ତୋଷ ଖଟୁଆ ନିର୍ବାଚନ ପୂର୍ବରୁ ବହୁ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିଥିଲେ ମଧ୍ୟ ନିର୍ବାଚନ ରଣାଙ୍ଗନରେ ଶାସକ ବିଜେଡି ଦଳର ପ୍ରାର୍ଥୀ ଶ୍ରୀ ନାୟକଙ୍କୁ ଶ୍ରୀ ଖଟୁଆ ୧୯୮୩୯ ଖଣ୍ଡ ଭୋଟରେ ପରାଜିତ କରି ବିଜୟର ମୁକୁଟ ପିନ୍ଧିଛନ୍ତି । ଶ୍ରୀ ନାୟକ ୬୮୦୮୯ ଭୋଟ ପାଇଥିବା ବେଳେ ଶ୍ରୀ ଖଟୁଆ ୮୭୯୨୮ଖଣ୍ଡ ଭୋଟ ପାଇଛନ୍ତି ।ଅନ୍ୟ ପକ୍ଷରେ ରାଜ୍ୟରେ ଜାତୀୟ ବିଜେପି ଦଳ ୮୦ରୁ ଅଧିକ ଆସନ ହାତେଇ ପ୍ରଥମଥର ପାଇଁ, ଏକାକୀ ସରକାର ଗଠନ କରିବାର ନୂତନ ସମ୍ଭାବନା ସୃଷ୍ଟି ହୋଇଥିବା କୁହାଯାଇଛି । ଯଶଶ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଭବିଷ୍ୟତ ବାଣୀ ଆଗାମୀ ୧୦ତାରିଖରେ ସତ୍ୟ ହେବବୋଲି ,ଅନେକ ରାଜନୈତିକ ସମୀକ୍ଷକ ମତ ପ୍ରକାଶ କରିଛନ୍ତି । ତେବେ ସନ୍ତୋଷ ଖଟୁଆଙ୍କ ସମର୍ଥକ ମାନେ ବିଜୟ ଉତ୍ସବ ପାଳନ କରିବା ସହିତ ଡିଜେ ଓ ବାଣ ଫୁଟାଇ ଏକ ଶୋଭାଯାତ୍ରାରେ ନୀଳଗିରି ସହର ପରିକ୍ରମା କରିଥିଲେ ।ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ,ବିଜୟୀ ବିଧାୟକ ଖଟୁଆଙ୍କ ସହିତ ଶୋଭାଯାତ୍ରାରେ ସାମିଲ ଥାଇ କର୍ମୀ ଓ ନେତା ଙ୍କ ଉତ୍ସାହ କୁ ଦ୍ୱିଗୁଣିତ କରିଥିଲେ ।

ଧନ୍ୟବାଦ ଦେଲେ ଦିପାଲୀ ଦାସ

ଭୁବନେଶ୍ୱର, ୪/୬ (ନି.ପ୍ର): ଝାରସୁଗୁଡା ବିଧାନସଭା ନିର୍ବାଚନରେ ପରାଜିତ ହେବା ପରେ ଦିପାଲୀ ଦାସ ଝାରସୁଗୁଡା ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି ଯେ, ହାରିବା ଓ ଜିତିବା ନିର୍ବାଚନର ଏକ ଅଂଶ ।ଏହି ନିର୍ବାଚନୀ ପ୍ରଚାର ସମୟରେ ଆପଣମାନେ ଯେପରି ଭାବରେ ମତେ ସ୍ନେହ ଶ୍ରଦ୍ଧା ଓ ଆଶୀର୍ବାଦ ଦେଇଛନ୍ତି ତାହା ମୁଁ ସବୁଦିନ ପାଇଁ ମାନେ ରଖିବି ଏହା ସହିତ ଏହି ସମୟରେ ମତେ ସହଯୋଗ କରିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ମୁଁ ଧନ୍ୟବାଦ ଜଣାଉଛି । ମୋର ପ୍ରିୟ ଝାରସୁଗୁଡ଼ାବାସୀଙ୍କ ସେବା କରିବା ପାଇଁ କୌଣସି ପଦବୀର ଆବଶ୍ୟକତା ନାହିଁ । ଆଜୀବନ ମୁଁ ମୋର ସେବା କାର୍ଯ୍ୟ ଜାରିରଖିବି ।

ସବୁପ୍ରକାର ବିରୋଧର ପଡ଼ିଲା ପୂର୍ଣ୍ଣଚ୍ଛେଦ: ଭାସ୍କର ମଢ଼େଇ ପୁଣିଥରେ ବିଧାୟକ ଭାବରେ ହେଲେ ନିର୍ବାଚିତ

ଉଦଳା , ୪/୬ (ନି.ପ୍ର): ଭାରତୀୟ ଜନତା ପାର୍ଟିରୁ ପୁଣିଥରେ ଭାସ୍କର ମଢ଼େଇଙ୍କୁ ଉଦଳା ବିଧାୟକ ପ୍ରାର୍ଥୀ ଭାବରେ ଟିକଟ ମିଳିବା ପରେ ବିଭିନ୍ନ ମହଲରେ ବିରୋଧାଭାଷ ଦେଖିବାକୁ ମିଳିଥିଲା । ଏହା ଦେଖି ଏଥର ନିର୍ବାଚନରେ ଭାସ୍କର ମଢ଼େଇଙ୍କୁ ଜିତିବା କଷ୍ଟକର ହେବ ବୋଲି ଶୁଣିବାକୁ ମିଳୁଥିଲା । କିନ୍ତୁ ସବୁ ପ୍ରକାର କଳ୍ପନା ଜଳ୍ପନାକୁ ପଛରେ ପକାଇ ଆଜି ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଭାସ୍କର ମଢ଼େଇଙ୍କ ଜିତାପଟ ସବୁକିଛିରେ ପୂର୍ଣ୍ଣଛେଦ ପକାଇ ଦେଇଛି । ଭାସ୍କର ମଢ଼େଇଙ୍କୁ ମୋଟ ୬୬୪୦୧ ଖଣ୍ଡ ଭୋଟ ମିଳିଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦି ବିଜୁ ଜନତା ଦଳର ପ୍ରାର୍ଥୀ ଶ୍ରୀନାଥ ସୋରେନଙ୍କୁ ମୋଟ ୫୯୮୮୪ ଖଣ୍ଡ ଭୋଟ ମିଳିଛି । ନିକଟତମ ପ୍ରତିଦ୍ୱନ୍ଦିଙ୍କ ଠାରୁ ୬୫୧୭ ଖଣ୍ଡ ଭୋଟ ଅଧିକ ପାଇ ଭାସ୍କର ମଢ଼େଇ ଚତୁର୍ଥ ଥର ପାଇଁ ଉଦଳା ବିଧାୟକ ଭାବରେ ନିର୍ବାଚିତ ହୋଇଛନ୍ତି ।

ଓଡିଶାବାସୀଙ୍କୁ କୃତଜ୍ଞତା ଜଣାଇଲେ ଅମିତ ଶାହ



ନୂଆଦିଲ୍ଲୀ/ଭୁବନେଶ୍ୱର, ୪/୬ (ନି.ପ୍ର): ଓଡିଶାରେ ବିଜେପିର ବିପୁଳ ବିଜୟ ପାଇଁ ଓଡିଶାବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି କେନ୍ଦ୍ରଗୃହ ମନ୍ତ୍ରୀ ଅମିତ ଶାହ । ସୋସିଆଲ ସାଇଟ୍ ଏକ୍ସରେ ସେ ଲେଖିଛନ୍ତି , ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପବିତ୍ର ଭୂମିର ସେବା କରିବାର ସୁଯୋଗ ବିଜେପିକୁ ଦେଇଥିବାରୁ ମୁଁ ଓଡ଼ିଶାବାସୀଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ହାସଲ ହୋଇଥିବା ଏହି ବିଜୟ 'ବିକଶିତ ଭାରତ, ବିକଶିତ ଓଡ଼ିଶା'ର ସଂକଳ୍ପକୁ ସାକାର କରିବ । ମୁଁ ରାଜ୍ୟବାସୀଙ୍କୁ ନିଶ୍ଚିତ କରୁଛି ଯେ ଓଡ଼ିଆ ଅସ୍ମିତା, ଓଡ଼ିଆ ଭାଷା, ଓଡ଼ିଆ ସଂସ୍କୃତି ଏବଂ ଓଡ଼ିଆ ସାହିତ୍ୟକୁ ପ୍ରୋତ୍ସାହିତ କରି ବିଜେପି ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ଉତ୍ସର୍ଗୀକୃତ କାର୍ଯ୍ୟ କରିବ ।

ସେଲ, ରାଉରକେଲା ଇସ୍ପାତ କାରଖାନା: ପ୍ରକୃତି ସହ ସୁସମନ୍ୱୟରେ ଇସ୍ପାତ ନିର୍ମାଣ

ରାଉରକେଲା, ୪/୬ (ନି.ପ୍ର): ଜୁନ୍ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ପାଳନ ପାଇଁ ସାରା ବିଶ୍ୱ ଏକତ୍ରିତ ହେଉଥିବା ବେଳେ ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ନିରବଚ୍ଛିନ୍ନ ଭାବରେ ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ ପୂର୍ବକ ସ୍ଥାୟୀ ପରିବେଶ ଅନୁକୂଳ ଇସ୍ପାତ ଉତ୍ପାଦନରେ ବ୍ରତୀ ହେବା ଏବଂ ପରିବେଶ ପରିଚାଳନା ଦାୟିତ୍ୱ ସଠିକ ନିର୍ବାହ ପାଇଁ ପ୍ରତିବଦ୍ଧତାକୁ ଦୋହରାଉଛି । ପରିବେଶ ଦାୟିତ୍ୱ ପାଇଁ ଆରଏସପିର ଉତ୍ସର୍ଗୀକୃତତା ଏହାର ଶକ୍ତିଶାଳୀ ଉତ୍ପାଦନ କ୍ଷମତାର ସମତାଳରେ ଗତିକରୁଛି । ଇସ୍ପାତ କାରଖାନା ଏହାର ପରିବେଶ ଫୁଟପ୍ରିଣ୍ଟକୁ କମ୍ କରିବା, ପ୍ରଦୂଷଣ ହ୍ରାସ କରିବା ଏବଂ ମୂଲ୍ୟବାନ ପ୍ରାକୃତିକ ସମ୍ପଦ ସଂରକ୍ଷଣ କରିବା ପାଇଁ ଅନେକ ଅଭିନବ ପଦକ୍ଷେପ ସଫଳତାର ସହ କାର୍ଯ୍ୟକାରୀ କରିଛି । ଏହି ପଦକ୍ଷେପଗୁଡ଼ିକ ନା କେବଳ ସବୁଜ ଭବିଷ୍ୟତ ସୁନିଶ୍ଚିତ କରିବାରେ ସହାୟକ ହେଉଛି ବରଂ ପରିବେଶ ଅନୁପାଳନର ସର୍ବୋଚ୍ଚ ମାନକୁ ମଧ୍ୟ ସୁନିଶ୍ଚିତ କରୁଛି । ନିର୍ଗମିତ ଜଳର ଘଣ୍ଟା ପ୍ରତି ୧୮୦୦ ଘନମିଟର ହାରରେ ବିଶୋଧନ ଏବଂ ଲାଭଦାୟକ ଉପଯୋଗ ପାଇଁ ପୁନଃସଞ୍ଚାଳନ ନିମନ୍ତେ ଟ୍ରିଟମେଣ୍ଟ ସିଷ୍ଟମ-୧ ର ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ଏହି ବିଶିଧନ ବ୍ୟବସ୍ଥାକୁ ୨୦୨୩ ଡିସେମ୍ବର ୩୧ ତାରିଖରେ ଚାର୍ଜ କରାଯାଇଛି ଏବଂ ଏହା ଟ୍ରାୟାଲରେ ରହିଛି । ଜିରୋ ଲିକ୍ୱିଡ୍ ଡିସଚାର୍ଜ ହାସଲ କରିବା ପାଇଁ ଟ୍ରିଟମେଣ୍ଟ ସିଷ୍ଟମ୍ -୧ ପ୍ରକଳ୍ପ ଏକ ପ୍ରମୁଖ ପଦକ୍ଷେପ ଅଟେ । ସୂଚନାଯୋଗ୍ୟ ଯେ, ସମଗ୍ର ସେଲ ମଧ୍ୟରେ ପ୍ରଥମ ୟୁନିଟ ରୂପେ ଆରଏସପିରେ କାର୍ଯ୍ୟକାରୀ ହେଉଥିବା ଟ୍ରିଟମେଣ୍ଟ ସିଷ୍ଟମ-୧ ଅନନ୍ୟ ପଦକ୍ଷେପ ୧୪୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଛି । ଆରଏସପିର 'ଅତ୍ୟାଧୁନିକ ଏମବିଆର ଜ୍ଞାନକୌଶଳ ଯୁକ୍ତ ବିଓଡ଼ି ପ୍ଲାଣ୍ଟର ଆଧୁନିକୀକରଣ' ପାଇଁ ଆରଏସପିର ଜିରୋ ଲିକ୍ୱିଡ୍ ଡିସଚାର୍ଜ ପ୍ରକଳ୍ପ ମଧ୍ୟ ୨୦୨୩ ମସିହାରେ କାର୍ଯ୍ୟକାରୀ ଏବଂ କାର୍ଯ୍ୟକ୍ଷମ ହୋଇଛି । କ୍ରମାଗତ ଉନ୍ନତି ସାଧନ ପାଇଁ ସଂଶୋଧନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବିଭିନ୍ନ ପରିବେଶ ପରିମାପକତା ଗୁଡିକର ନିୟମିତ ନିରୀକ୍ଷଣ, ନମୁନା ସଂଗ୍ରହ ଏବଂ ବିଶ୍ଳେଷଣ ମଧ୍ୟ କରାଯାଉଛି । ମନିଟରିଂ ଷ୍ଟେସନଗୁଡିକ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସର୍ଭରଗୁଡ଼ିକ ସହିତ ସଂଯୋଗ କରାଯାଇଛି । ଫଳାଫଳଗୁଡିକ ନିୟମିତ ବିଶ୍ଳେଷଣ କରାଯାଉଛି ଏବଂ ପରିବେଶ ପ୍ରଦୂଷଣକୁ କମ୍ କରିବାକୁ ପ୍ରତିଷେଧକ ପଦକ୍ଷେପ ନିଆଯାଉଛି । ସବୁଜ ଜ୍ଞାନକୌଶଳ ଏବଂ ଶକ୍ତି ନିପୁଣ ପ୍ରକ୍ରିୟାଗୁଡିକର ଗ୍ରହଣ ପୂର୍ବକ କାର୍ବନ ନିର୍ଗମନରେ ଉଲ୍ଲେଖନୀୟ ହ୍ରାସ ଆରଏସପିର ସଫଳ ପରିବେଶ ପରିଚାଳନାର ଫଳାଫଳ ଅଟେ । ଶକ୍ତି ବ୍ୟବହାରକୁ ସର୍ବଶ୍ରେଷ୍ଠ କରିବା ପାଇଁ କାରଖାନା ଅତ୍ୟାଧୁନିକ ପ୍ରଣାଳୀ ପ୍ରୟୋଗ କରୁଛି ଯାହାର ଫଳସ୍ୱରୂପ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନରେ ଯଥେଷ୍ଟ ହ୍ରାସ ଘଟିଛି । ଆରଏସପି ବିଭିନ୍ନ ପରିବେଶ ପରିମାପକତାରେ ଉଲ୍ଲେଖନୀୟ ଉନ୍ନତି ଆଣିଛି ଯେପରିକି ଅଙ୍ଗାରକାମ୍ଳ ନିର୍ଗମନ ୨.୦୬% ଓ ଆପେକ୍ଷିକ ଜଳ ଉପଯୋଗ ୨.୮୯% ହ୍ରାସ ପାଇଛି ଯାହା ପରିବେଶ ପ୍ରତି କାରଖାନାର ପ୍ରତିବଦ୍ଧତାକୁ ଦର୍ଶାଉଛି । ୨୦୨୩ ମସିହାରେ ଆରଏସପି ସ୍ଥାୟୀ ବିକାଶ ଫାଉଣ୍ଡେସନରୁ ପରିବେଶ ସଂରକ୍ଷଣ ସ୍ୱର୍ଣ୍ଣ ପୁରସ୍କାର ଲାଭ କରିଥିଲା । ଏହି ସ୍ୱୀକୃତି ପରିବେଶ ସୁରକ୍ଷା ଏବଂ ସଂରକ୍ଷଣ ଦିଗରେ ଆରଏସପିର ସକ୍ରିୟ ପଦକ୍ଷେପକୁ ସୂଚିତ କରୁଛି । ଇସ୍ପାତ ନିର୍ମାଣ କ୍ଷେତ୍ରରେ ପରିବେଶ ସୁରକ୍ଷା କ୍ଷେତ୍ରରେ ଏହାର ଉଦାହରଣୀୟ ଯୋଗଦାନର ସ୍ୱୀକୃତି ସ୍ୱରୂପ ଆରଏସପିକୁ ଗ୍ରୀନଟେକ୍ ପରିବେଶ ଉତ୍କର୍ଷତା ସ୍ୱର୍ଣ୍ଣ ପୁରସ୍କାରରେ ମଧ୍ୟ ସମ୍ମାନିତ କରାଯାଇଥିଲା । ଆରଏସପି ଗ୍ଲୋବାଲ୍ ଏନର୍ଜି ଆଣ୍ଡ ପରିବେଶ ଫାଉଣ୍ଡେସନ୍ (ଜିଇଏଫ) ଠାରୁ ପ୍ଲାଟିନମ୍ ବର୍ଗରେ ବିଶ୍ୱ ପରିବେଶ ପୁରସ୍କାର ମଧ୍ୟ ଲାଭ କରିଥିଲା । ଏଥିସମେତ ଆରଏସପି ବ୍ୟାପକ ବୃକ୍ଷରୋପଣ ଜାରିରଖିଛି । ଏପର ?ୟନ୍ତ ଏହାର ପରିସର ତଥା ଏହାର ଆଖପାଖରେ ଆରଏସପି ୫୨ ଲକ୍ଷରୁ ଅଧିକ ବୃକ୍ଷ ରୋପଣ କରିଛି, ଯାହା ଦ୍ୱାରା ଜୈବ ବିବିଧତା ପରିପୁଷ୍ଟ ହେବା ସହ ବାୟୁ ଗୁଣବତ୍ତାରେ ମଧ୍ୟ ଉନ୍ନତି ସାଧିତ ହୋଇଛି । ରାଉରକେଲାର ଇସ୍ପାତ ସହରର ସ୍ୱଚ୍ଛ ସବୁଜ ବାତାବରଣ ଏହି ଧରା ପୃଥିବୀ ପ୍ରତି ଆରଏସପିର ପ୍ରତିବଦ୍ଧତାର ଏକ ଜ୍ୱଳନ୍ତ ଉଦାହରଣ ଅଟେ ।

ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ ବାପ ଛେଉଣ୍ଡ ପୁତ୍ର 'ପ୍ରକାଶ'



ଉଦଳା , ୪/୬ (ନି.ପ୍ର): ଖୁଂଟା ବ୍ଲକ ଅନ୍ତର୍ଗତ ହାତୀସାହି ଗ୍ରାମର ବାସିନ୍ଦା ୪ ଲମ୍ବୋଦର ଶଙ୍କୁଆଳଙ୍କ ପୁତ୍ର 'ପ୍ରକାଶ' ଇତି ମଧ୍ୟରେ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । ପିତାଙ୍କ ଦେହାନ୍ତ ହୋଇଯିବା ଫଳରେ ଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ସେ ବାଧ୍ୟ ହୋଇଥିବାର ଜଣାଯାଇଛି । ପ୍ରକାଶକୁ ବର୍ତମାନ ବୟସ ୧୨ ବର୍ଷ ଛୁଇଁଥିବା ବେଳେ ସେ ଗ୍ରାମରେ ଥିବା କୃଷ୍ଣଚନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୭ମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିବାର ଜଣାଇଛନ୍ତି । ପ୍ରକାଶ ବର୍ତମାନ ଉଦଳା ବ୍ଲକର ନୂଆଗାଁ ପଂଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଠାରେ ନିଜର ମାମୁଁ ଘରେ ଆଶ୍ରୟ ନେଇଛନ୍ତି । ପ୍ରକାଶକୁ କୌଣସି ହଷ୍ଟେଲରେ ରହି ପାଠ ପଢ଼ିବାର ବ୍ୟବସ୍ଥା କରିଦେବାକୁ ମାମୁଁ ଘରର ଲୋକେ ଗୁହାରି ଜଣାଇଛନ୍ତି । ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅଥଚ ପ୍ରକାଶଙ୍କ ପରି ୧୨ ବର୍ଷ ବୟସର ବାପଛେଉଣ୍ଡ ଛାତ୍ର ବର୍ତମାନ ମଧ୍ୟ ବିଦ୍ୟାଳୟ ବାହାରେ ଅଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ପକ୍ଷରୁ ସମସ୍ତ ବୟସ୍କ ବର୍ଗର ପିଲାଙ୍କ ପାଇଁ ଚେସ୍ ଚୟନ ଆୟୋଜିତ

ରାଉରକେଲା, ୪/୬ (ନି.ପ୍ର): ଯୁବ ପ୍ରତିଭାକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କ ମଧ୍ୟରେ ଚେସ ଉତ୍ସାହକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆରଏସପି) ଜୁନ ୧ ତାରିଖ ରୁ ୭ ତାରିଖ ପର୍ଯ୍ୟନ୍ତ ଏକ ସପ୍ତାହ ବ୍ୟାପୀ ଚେସ ଚୟନ କାର୍ଯ୍ୟକ୍ରମ ଆରମ୍ଭ କରିଛି । ବିଭିନ୍ନ ବୟସ ବର୍ଗର ପିଲାମାନେ ବରିଷ୍ଠ ପ୍ରଶିକ୍ଷକଙ୍କ ମାର୍ଗଦର୍ଶନରେ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମର ଥିବା ଚେସ ହଲରେ ନିଜର ଦକ୍ଷତା ପ୍ରଦର୍ଶନ କରୁଛନ୍ତି । ଏହି କାର୍ଯ୍ୟକ୍ରମ ପାଇଁ ପ୍ରାୟ ୭୫ ଜଣ ଅଂଶଗ୍ରହଣକାରୀ ନାମ ଲେଖାଇଛନ୍ତି । ଏହି ଚୟନ ପ୍ରକ୍ରିୟା ସନ୍ଧ୍ୟା ୬.୩୦ ମି ରୁ ୮.୩୦ ମି ମଧ୍ୟରେ ଅନୁଷ୍ଠିତ ହେଉଅଛି । ଏହି କାର୍ଯ୍ୟକ୍ରମ ଆଗାମୀ ଟୁର୍ନାମେଣ୍ଟରେ ଷ୍ଟିଲ୍ ପ୍ଲାଣ୍ଟର ପ୍ରତିନିଧିତ୍ୱ କରିବା ପାଇଁ ଚେସ୍ ଖେଳାଳୀ ଚିହ୍ନଟ କରିବା ନିମନ୍ତେ ଲକ୍ଷ୍ୟ ରଖିଛି । ପିଏଚ, ଏସ ଡବ୍ଲ୍ୟୁ କ୍ରିଡା ଏବଂ ବିମାନବନ୍ଦର ବିଭାଗର ଜି ଏମ ଶ୍ରୀ ଆର କେ ବର୍ମାଙ୍କ ନେତୃତ୍ୱରେ କ୍ରିଡା ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ରଘୁନନ୍ଦନ ପାଢୀ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ପାରାଦୀପ ନିର୍ବାଚନ ମଣ୍ଡଳୀରେ ଭାରତୀୟ ଜନତା ପାର୍ଟିର ବିଜୟ: ବାଜି ମାରିଲେ ସମ୍ପଦ ସ୍ୱାଇଁ

ପାରାଦୀପ, ୪/୬ (ନି.ପ୍ର): ସବୁ କଥାର ଅନ୍ତ ଘାଟଇ ଲୁଣି ପାଣିରେ ପଦ୍ମ ଫୁଟିଲା । ପାରାଦୀପ ନିର୍ବାଚନ ମଣ୍ଡଳୀ ରେ ଭାରତୀୟ ଜନତା ପାର୍ଟି ବିଜୟ ଲାଭ କରିଛି ।ବିଧାୟକ ପ୍ରାର୍ଥୀ ଭାବେ ଚଳିତ ୨୦୨୪ ନିର୍ବାଚନ ରଣାଙ୍ଗନରେ ଭାରତୀୟ ଜନତା ପାର୍ଟି ର ସମ୍ପଦ ଚରଣ ସ୍ୱାଇଁ ୮୪ ହଜାର ୫୧୮ ଖଣ୍ଡ ଭୋଟ ପାଇ ବିଜୟ ଲାଭ କରିଛନ୍ତି ।ସେ ବିଜୁ ଜନତା ଦଳ ରୁ ପ୍ରାର୍ଥୀ ହୋଇଥିବା ଗୀତାଂଜଳୀ ରାଉତରାୟଙ୍କ ଠାରୁ ୧୫ ହଜାର ୭୮୭ ଖଣ୍ଡ ଅଧିକ ଭୋଟ ପାଇ ବିଜୟ ଲାଭ କରିଛନ୍ତି । ଶନିବାର ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଶେଷ ହେବା ପରେ ଉଭୟ ବିଜେଡି, ବିଜେପି ଓ କଂଗ୍ରେସ ନେତା ଓ କର୍ମୀମାନଙ୍କ ମଧ୍ୟରେ ଫଳାଫଳକୁ ନେଇ ଉତ୍ସାହ ଲାଗି ରହିଥିଲା । ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକମାନେ ଫଳାଫଳ ସେମାନଙ୍କ ସପକ୍ଷରେ ଯିବ ବୋଲି ଦମ୍ଭୋକ୍ତି ଦେଖାଇଥି